Weekly Multilingual
# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୭, ଭୁବନେଶ୍ୱର, ଜାନୁଆରୀ ୧-୭, ୨୦୨୪ Vol-1, Issue-7, Bhubaneswar, January 1-7, 2024

# କିଏ 'ଗୁରୁ' କିଏ 'ଚେଲା'

**କୈଳାସ ଚନ୍ଦ୍ର ଶତପଥୀ**



ଏହା ନିଃସନ୍ଦେହ ଯେ ଉଭୟ ଲୋକପ୍ରିୟ। ଜଣେ ଆମ ଦେଶର ମୁଖିଆମାନେ ପ୍ରଧାନ ସେବକ ତ ଅନ୍ୟ ଜଣେ ଓଡିଶା ରାଜ୍ୟର ଦୀର୍ଘ ଅବଧିର ଶାସକ। ପୋଷାକ ପରିଧାନ କରିବାରେ ଜଣେ ସବୁବେଳେ ଟିପ୍-ଟପ୍ ରହୁଥିବା ବେଳେ ଅନ୍ୟ ଜଣକ କେବଳ ଟ୍ରାଉଜର, ପଞ୍ଜାବୀ ଓ ସ୍ଲିପର୍ ପିନ୍ଧିବାକୁ ଭଲ ପାଆନ୍ତି। ବିଭିନ୍ନ ଭଙ୍ଗି ଓ ଇଙ୍ଗିତ କରି ଅନର୍ଗଳ ଭାଷଣ ଦେବା ଜଣଙ୍କର ମୁଖ୍ୟ ପରିଚୟ ହୋଇଥିବାବେଳେ ଲିଖିତ ଭାଷଣକୁ ମୁଣ୍ଡ ନୁଆଁଇଁ ପଢିବା ଆର ଜଣଙ୍କର ସ୍ୱତନ୍ତ୍ରତା। ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆମ ରାଜ୍ୟର ଅତ୍ୟନ୍ତ ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁଳନାତ୍ମକ ବିବରଣୀ ଆମକୁ କେବଳ ହତଚକିତ କରୁନାହିଁ ବରଂ ଏକ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରିବାରେ ସକ୍ଷମ ହେଇଛି।

କେବଳ ଭାରତବର୍ଷ ନୁହେଁ ବରଂ ସମଗ୍ର ପୃଥିବୀର ଜଣେ ପ୍ରଭାବଶାଳୀ ନେତା ହିସାବରେ ପରିଚିତ ମୋଦୀ ଦେଶର ସାଧାରଣ ଜନତାଙ୍କ ଭୋଟ ନିର୍ବାଚନରେ ହାତେଇବା ପାଇଁ ଯେଭଳି ଫନ୍ଦି, ଫିକର ବା କୌଶଳ ଆପଣେଇଛନ୍ତି ତାହା ଦେଖିଲେ ଦେଶର ପ୍ରଗତି ଯେ ଠିକ୍ ଭାବରେ ହେଉନାହିଁ ତାହା ବୁଝାପଡୁଛି। ଠିକ୍ ସେହିପରି ଭାବରେ ପାଞ୍ଚଥର ଶାସନଡୋରୀ ନିଜ ହାତରେ ରଖି ଓଡିଶା ମୁଖିଆ ନବୀନ ମଧ ପ୍ରଗତୀ ଆଳରେ ଯାହା କହୁଛନ୍ତି ତାହା ଡାହା ମିଛ ବୋଲି ଜଣାପଡିଲାଣି। ଦରଦାମ ନିୟନ୍ତ୍ରଣ ଓ ବେକାରୀ ଦୂର କରିବାରେ ଉଭୟ ଅସଫଳ। ପରିସଂଖ୍ୟାନ ଓ ଖାତା ଖତିୟାନରେ ଦେଖିଲେ ସବୁ ଠିକ୍ ଲାଗୁଥିଲେ ବି ମେଧାବୀଙ୍କୁ ଶିକ୍ଷା କ୍ଷେତ୍ରରେ ଉପଯୁକ୍ତ ସ୍ଥାନ ମିଳୁନାହିଁ ଓ ଗରିବ ଲୋକଟି ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ପାଇବାରେ ବିଫଳ। କିନ୍ତୁ ଶିକ୍ଷାନୀତି ପ୍ରଣୟନ କରିବା ଓ ସ୍ୱାସ୍ଥ୍ୟବୀମା କାର୍ଡ ବାଣ୍ଟିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ବହୁତ ଆଗୁଆ।

ବିଭିନ୍ନ ଯୋଜନା ଆଳରେ ଲୋକଙ୍କୁ ଅକର୍ମା କରିବାର ଶ୍ରେୟ କିନ୍ତୁ ଉଭୟଙ୍କୁ ଯିବ। କାରଣ କେନ୍ଦ୍ରର ବିଭିନ୍ନ ଯୋଜନାକୁ ତାଳଦେଇ ରାଜ୍ୟ ମଧ ସେମିତି ଏକ ଯୋଜନା ନିଶ୍ଚିତ କରିଥିବେ ଏକଥାରେ କେହି ଦ୍ୱିମତ ହେବେନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ୱାନ୍ ନେସନ୍ ୱାନ ରାସନ୍' କାର୍ଡ ଆହ୍ୱାନ ଦେଇ ସେଇ ଜରିଆରେ ଲୋକଙ୍କୁ ମାଗଣା ରାସନ ବାଣ୍ଟୁଥିଲାବେଳେ ମୁଖ୍ୟମନ୍ତ୍ରୀ ମଧ ସେଥିରୁ ବାଦ ନଯାଇ ବି.ପି.ଏଲ ଖାଉଟି କାର୍ଡ, ଜରିଆରେ ଲୋକଙ୍କୁ ରାସନ ବାଣ୍ଟୁଛନ୍ତି। ମହାମାରୀ କରୋନା ସମୟରେ ସେଥିରୁ ବହୁତ ଜଣ ଉପକୃତ ହେଇଛନ୍ତି ସତ ହେଲେ କିଛି ହିତାଧିକାରୀ ଗଳିଆ ବାଟ ଦେଇ ସେସବୁ ଯୋଜନାର ଫାଇଦା ନେଇଛନ୍ତି। ସ୍ୱାସ୍ଥ୍ୟ ବୀମା ପାଇଁ କେନ୍ଦ୍ର ସରକାର 'ଆୟୁଷ୍ମାନ ଭାରତ' ଯୋଜନା କରିଥିବାବେଳେ ରାଜ୍ୟ ସରକାର 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କରିଛନ୍ତି। ଏହି ଦୁଇ ଯୋଜନା ଜରିଆରେ କେତେ ଯେ ହରିଲୁଟ୍ ଚାଲିଛି ସେକଥା ମଧ କାହାକୁ ଅଛପା ନାହିଁ।

କେନ୍ଦ୍ର ସରକାର କୃଷକ ମାନଙ୍କ ପାଇଁ 'ପି.ଏମ କିଷାନ' ଯୋଜନା କରିଥିବାବେଳେ ରାଜ୍ୟ ସରକାର ଠିକ୍ ସେଇଭଳି କାଳିଆ ଯୋଜନା କୃଷକ ମାନଙ୍କ ପାଇଁ କଲେ। ଯାହାଦ୍ୱାରା ଅନ୍ୟ ବୃତ୍ତିରେ ଥାଇ ମଧ କେବଳ ଚାଷ ଜମି ଥିବାରୁ ବିଭିନ୍ନ ନକଲି ହିତାଧିକାରି ସେଥିରୁ ଉପକୃତ ହେଲେ। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଏବଂ ସୁଧାର ପାଇଁ କେନ୍ଦ୍ର ସରକାର 'ପି.ଏମ ଶ୍ରୀ ସ୍କୁଲ୍' ଯୋଜନା ଆରମ୍ଭ କରି ୧୪୫୦୦ ସ୍କୁଲ୍ କୁ ସେ ଯୋଜନାରେ ଅନ୍ତର୍ଭୁକ୍ତ ପୂର୍ବକ ଏକ ଉନ୍ନତ ଭାରତ ପରିକଳ୍ପନା କଲେ। ଠିକ୍ ସେମିତି ଢଙ୍ଗରେ ରାଜ୍ୟ ସରକାର 'ମୋ-ସ୍କୁଲ' ଯୋଜନା ଆରମ୍ଭ କରି ବିକଶିତ ଓଡିଶାର ପରିକଳ୍ପନା ଆରମ୍ଭ କଲେ।

କିନ୍ତୁ ଉଭୟ ଯୋଜନାରେ ଶିକ୍ଷା ବ୍ୟବସ୍ଥାର କେତେ ସଂସ୍କାର ହେଇଛି ଏବଂ ସୁଧାର ଆସିଛି ତାହା ସମୟ କହିବ। ଏବେ ନଗଦାନଗଦି ରାଜ୍ୟ ସରକାର କଲେଜ ନିର୍ବାଚନକୁ ପ୍ରଶ୍ରୟ ନଦେଇ ସବୁ କଲେଜମାନଙ୍କରେ 'ନୂଆ-ଓ, ଯୁବ ଓଡିଶା, ନବୀନ ଓଡିଶା ସେଲଫି ପଏଣ୍ଟ' କରି ଯୁବ ଭୋଟରଙ୍କୁ ହାତେଇବାର କୌଶଳ ଆପଣେଇଛନ୍ତି। ଠିକ୍ ସେତିକି ବେଳରୁ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ୟୁ.ଜି.ସି ମଧ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଫଟୋଥିବା ସେଲଫି ପଏଣ୍ଟ କ୍ୟାମ୍ପସ୍‌ରେ କରିବାକୁ ବାଧ ବୋଲି ତାଗିଦ କଲେଣି। ଏଭଳି ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ମଧ୍ୟରେ ପ୍ରତିଯୋଗିତା ପୂର୍ବକ ବିଭିନ୍ନ ଯୋଜନା ତିଆରି କରି ଲୋକଙ୍କ ଉପରେ ଥୋପ୍ ପକାଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଆଗପଛ ହେଉଛନ୍ତି ସତ କିନ୍ତୁ ଏକାଭଳିଆ ଯୋଜନା ଉଭୟଙ୍କ ଉର୍ବର ମସ୍ତିଷ୍କରୁ ଆସୁଛି। ତେଣୁ ଯୋଜନା ପ୍ରଣୟନ କରିବାରେ କିଏ ଗୁରୁ କିଏ ଚେଲା ଠିକ୍ କରି ଆକଳନ କରିହେଉନି। ଉଭୟଙ୍କ ମଧ୍ୟରେ ଭିତିରି ବୁଝାମଣା ଥିବାରୁ ଗୁରୁ ଓ ଚେଲାଙ୍କୁ ଜନସାଧାରଣ ବାଛନ୍ତୁ ବୋଲି ଆମେ ଚାହୁଁଛୁ।

SAMBAD GROUP
Odisha's No.1 media house
ବାର୍ତ୍ତା
SAMBAD ସମ୍ବାଦ



ସମାଜର ଅସହାୟ ବର୍ଗର ନାଗରିକଙ୍କ ଅଧିକାରର ସୁରକ୍ଷା ଏବଂ ନ୍ୟାୟ ପାଇବା କ୍ଷେତ୍ରରେ ସେମାନଙ୍କୁ ସହଯୋଗର ହାତ ବଢ଼ାଉଥିବା ସାମାଜିକ ଅନୁଷ୍ଠାନ 'ଭଏସ୍ ଅଫ୍ ଭିକ୍ଟିମ୍ସ ଟ୍ରଷ୍ଟ' ପକ୍ଷରୁ ଏକ ବହୁଭାଷୀ ସାପ୍ତାହିକ ପତ୍ରିକା ଓ ୱେବପୋର୍ଟାଲ ପ୍ରକାଶ ପାଉଥିବା ଜାଣି ଆନନ୍ଦିତ ହେଲି।

ସମାଜର ଦୁର୍ବଳ ଶ୍ରେଣୀକୁ ବିଭିନ୍ନ ସାହାଯ୍ୟ ଯୋଗାଉଥିବା ଏହି ଅନୁଷ୍ଠାନ ଗଣମାଧ୍ୟମ କ୍ଷେତ୍ରରେ ପ୍ରବେଶ କରୁଥିବାରୁ ଅଭିନନ୍ଦନ। ସଂସ୍ଥାର ମୁଖ୍ୟ ତଥା 'ଭଏସ୍ ଅଫ୍ ଭିକ୍ଟିମ୍ସ' ସାପ୍ତାହିକ ଓ ୱେବପୋର୍ଟାଲର ସଂପାଦକ ଶ୍ରୀ ଜ୍ଞାନରଞ୍ଜନ ମିଶ୍ରଙ୍କୁ ବିଶେଷ ଶୁଭେଚ୍ଛା। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ସହାୟତାରେ ପୀଡ଼ିତମାନଙ୍କ ସ୍ୱରକୁ 'ଭଏସ୍ ଅଫ୍ ଭିକ୍ଟିମ୍ସ' ଆହୁରି ଶାଣିତ ଢ଼ଙ୍ଗରେ ଉପସ୍ଥାପନ କରି ସେମାନଙ୍କର ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଇପାରିବ ବୋଲି ଆଶା କରୁଛି।

ଧନ୍ୟବାଦ। ବନ୍ଦେ ଉତ୍କଳ ଜନନୀ।

ତନ୍ମୟା ପଟ୍ଟନାୟକ
ସଂପାଦକ 'ସମ୍ବାଦ'

इग्नू जन–जन का विश्वविद्यालय
डॉ० श्रीकांत मोहापात्रा
सम-कुलपति
Dr. Srikant Mohapatra
Pro-Vice Chancellor
ignou THE PEOPLE'S UNIVERSITY

## Message



It gives me immense pleasure to know that Voice of Victims Trust is going to publish first issue of multilingual weekly and launch of news web-portal. It is commendable that the Trust is providing legal and financial support to the needy people at their door step. This new initiative of the Trust to publish multilingual weekly with news web-portal will enhance its reach for the benefit of deprived people. I hope that Voice of Victims Trust will accomplish its Mission to provide justice to the needy and helpless peoples of the country. I am sure that this endeavor shall help not only the downtrodden people in Odisha but also those in other parts of the country.

My best wishes to Voice of Victims Trust for successful implementation of this new initiative. I hope that the Trust and its team together will continue to work for achieving the goal of the Trust.

(Srikant Mohapatra)

Date: 4th January, 2024
Place: New Delhi

# ସଂ ପା ଦ କୀ ୟ

୧ରୁ ୭ ଜାନୁଆରୀ ୨୦୨୪

## ନିର୍ବାଚନ ପ୍ଲାଷ୍ଟିକ ମୁକ୍ତ ହେଉ

ଏବେ ଇଂରାଜୀ ନୂଆବର୍ଷ ର ମାହୋଲ୍, ପୁଣି ଆଗକୁ ରହିଛି ନିର୍ବାଚନ । ସେଥିପାଇଁ ଗାଁରୁ ସହର ପର୍ଯ୍ୟନ୍ତ, ସବୁଠି ଯେଉଁ ହାରରେ ପ୍ଲାଷ୍ଟିକ୍ ତିଆରି ଶୁଭେଚ୍ଛା ବ୍ୟାନ୍ୟର୍ ବା ଫ୍ଲେକ୍ସ ଟଙ୍ଗା ଯାଉଛି ତାହା ଆଗାମୀ ଦିନରେ ପରିବେଶ ପ୍ରତି ଘୋର ବିପଦ ସୃଷ୍ଟି କରିବ। ଏହା ଉପରେ କୌଣସି କଟକଣା ନଥିବା ଯୋଗୁଁ ଟନ୍ ଟନ୍ ଓଜନର ପ୍ଲାଷ୍ଟିକ ତିଆରି ଫ୍ଲେକ୍ସ ବ୍ୟାନର୍ ସାରା ରାଜ୍ୟରେ ଛାଇ ଯାଉଛି। ସେହିପରି ନିର୍ବାଚନ ସମୟରେ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଆଡେ ପ୍ରାର୍ଥୀମାନଙ୍କର ଦଳୀୟ ବ୍ୟାନର ଦେଖାଯାଏ। ଆଶାୟୀ ପ୍ରାର୍ଥୀମାନେ ଦବ୍-ଦବା ଦେଖାଇବାକୁ ଯାଇ ଦଳର କିଛି ବରିଷ୍ଠ ନେତା ଓ ମନ୍ତ୍ରୀମାନଙ୍କ ସହିତ ନିଜର ଫଟୋକୁ ଯୋଡ଼ି ଆକର୍ଷଣୀୟ ଫ୍ଲେକ୍ସ ବ୍ୟାନର୍ ପ୍ରସ୍ତୁତ କରିଥାନ୍ତି। ଏ ପ୍ରତିଯୋଗିତାଟି ଏଭଳି ଭାବରେ ଚାଲେ ଯେ ନିଜର ବିପକ୍ଷ ବା ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ଯେଭଳି ବ୍ୟାନର୍ ମାରିବାକୁ ଯାଗା ନପାଇବେ, ସେଥିପାଇଁ ଜଣେ ବିପୁଳ ଅର୍ଥ ବ୍ୟୟ କରି ପ୍ରମୁଖ ସ୍ଥାନଗୁଡିକୁ ବହୁ ପୂର୍ବରୁ ଦଖଲ କରି ବ୍ୟାନର୍ ମାରି ଦିଅନ୍ତି। ଏହି ପ୍ଲାଷ୍ଟିକ୍ ତିଆରି ବ୍ୟାନର୍ ଗୁଡ଼ିକରେ ବହୁ ପରିମାଣର ରାସାୟନିକ ରଙ୍ଗ ବ୍ୟବହୃତ ହୋଇଥାଏ। ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ଏହି ବ୍ୟାନର୍ ଗୁଡ଼ିକ ଆଦୌ ମାଟିରେ ମିଶିବ ନାହିଁ। ସହରାଞ୍ଚଳରେ ରଦି ସାମଗ୍ରୀ ଖରିଦ କରୁଥିବା ବ୍ୟବସାୟୀମାନେ ଏହାକୁ ନେଇଯାନ୍ତି, ହେଲେ ଗାଁ-ଗହଳରେ ଏହା ରାସ୍ତାଘାଟ ଠାରୁ ଆରମ୍ଭ କରି ଚାଷ ଜମି ପର୍ଯ୍ୟନ୍ତ ସବୁଆଡେ ପଡ଼ିଥାଏ। କେତେକ ସ୍ଥାନରେ ଏହାକୁ ନଷ୍ଟ କରିବା ପାଇଁ ନିଆଁ ଲଗାଇ ଦିଆଯାଉଛି। ଅନ୍ୟପକ୍ଷରେ ନିର୍ବାଚନ ପରେ ବ୍ୟାନର୍ ଗୁଡ଼ିକୁ କେହି ଏକତ୍ରିତ କରି ଠିକଣା ଭାବେ ବିଘଟନ ପାଇଁ ଉଦ୍ୟମ କରୁନାହାଁନ୍ତି। ସୁତରାଂ ଏହାର କୁପରିଣାମ ପରିବେଶ ଉପରେ ଭୟଙ୍କର ଭାବରେ ପଡୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ଲାଷ୍ଟିକ୍ ଦହନରୁ ସୃଷ୍ଟି ହେଉଥିବା ରାସାୟନିକ ପଦାର୍ଥ କର୍କଟ ରୋଗର ଅନ୍ୟତମ କାରଣ ଭାବରେ ଉଭାହେଉଛି । ଏହି ପରିତ୍ୟକ୍ତ ବ୍ୟାନର୍ ଗୁଡିକ ଯେଉଁଠାରେ ପଡୁଛି ସେଠିକାର ମୃତ୍ତିକା ଓ ଜଳ ମଧ୍ୟ ପ୍ରଦୂଷିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷଜ୍ଞମାନଙ୍କ ମତରେ ଏହି ପ୍ଲାଷ୍ଟିକ୍ ମିଶ୍ରିତ ବ୍ୟାନର୍ ପରିବେଶ ପାଇଁ ଚିନ୍ତାର କାରଣ ପାଲଟିଲାଣି। ପ୍ରତିବର୍ଷ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ୍ ତିଆରି ପତାକା ଉପରେ କଟକଣା ଜାରି କରିବା ସହିତ କେବଳ କାଗଜ ଓ କନାରେ ପ୍ରସ୍ତୁତ ପତାକା ବ୍ୟବହାର ପାଇଁ ଆହ୍ୱାନ ଦେଇଥାଆନ୍ତି। ହେଲେ ନୂଆବର୍ଷ କିମ୍ବା ନିର୍ବାଚନ ସମୟରେ ଏଭଳି କଟକଣା ନଥିବାରୁ ସଭିଏଁ ମନଇଛା ପ୍ଲାଷ୍ଟିକ୍ ତିଆରି ବ୍ୟାନର୍ ବ୍ୟବହାର କରୁଛନ୍ତି। ଏହା ଆଗାମୀ ଦିନରେ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଏସବୁକୁ ଦୃଷ୍ଟିରେ ରଖି ଆଗାମୀ ନିର୍ବାଚନ ସମୟରେ ପ୍ଲାଷ୍ଟିକ୍ ତିଆରି ପ୍ରଚାରପତ୍ର ଉପରେ କଟକଣା ଜାରି କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ।

ଜ୍ଞାନ ରଞ୍ଜନ ମିଶ୍ର

# ନବ ବର୍ଷ ମାନବତାର ବର୍ଷ ହେଉ !

**ପ୍ରଦୋଷ କୁମାର ଦାସ**



ନୂଆ ବର୍ଷ ନୂଆ ଚିନ୍ତନର ପରିଚାୟକ ହେଉ। ନୂଆ ବର୍ଷକୁ ସ୍ୱାଗତ କରିବା ଅବସରରେ ପୁରାତନ ବର୍ଷଟି ଆମ ପାଇଁ ସମୀକ୍ଷାର ବର୍ଷ ହୋଇ ଏହି ନୂତନ ବର୍ଷ ସହ ପାଦେ ପାଦେ ଆମକୁ ଅନୁପ୍ରେରଣା ଦେଉଥାଏ ବୋଲି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।

ସମୟ କାହାକୁ ଅପେକ୍ଷା କରେ ନାହିଁ। ମୁହୂର୍ତ୍ତ ମୁହୂର୍ତ୍ତ ହୋଇ ଦଣ୍ଡ, ଦିନ ମାସ ଓ ବର୍ଷ ପୂରଣୀ ର ଏକ ବାର୍ଷିକ ସୋପାନ ତାର ଘଟଣାବହୁଳ ବର୍ଷ ଟିଏ ଶେଷ ହୋଇ ଇତିହାସ ପୃଷ୍ଠା ରେ ସ୍ମୃତି ର ସ୍ୱାକ୍ଷର ରହିଥାଏ। ସମୟର ଏହି ଧାରା ନିରଳସ ଭାବେ କେଉଁ ଅନାଦି କାଳ ରୁ ଚାଲି ଆସିଛି। ଏହା ଆଗକୁ ମଧ୍ୟ ଏହିପରି ଚାଲି ରହିବ।

ସମୟର ଚକ ଆଗକୁ ଆଗକୁ ଥକାହୀନ ଚାଲିଛି। ଜନ୍ମ ମୃତ୍ୟୁ ଜରା ବ୍ୟାଧି, ଆଲୋକ ଅନ୍ଧାର, ବର୍ଷା ଆଉ ଖରା, ଛଅ ଋତୁର ଭଳି ଭଳି ବର୍ଣ୍ଣିଭା ସମେତ ରାତି ଆଉ ଦିନ ଭଳି ବିଦାୟ ଓ ସ୍ୱାଗତିକା, ଆମ ଜୀବନ ଓ ଚେତନାକୁ ସମୟକୁ ସମୟ ମର୍ମେ ମର୍ମେ ଅନୁଭବ ଦେଇଥାଏ। ଏଥିରେ ଆମକୁ ପ୍ରତି ସମୟ ଚେତନା ଉଦ୍ଦୀପ୍ତ ହେବାକୁ ପଡିବ। ଏହାର ଅନ୍ତଃକରଣରେ ଆମର ବିଚାରବୁଦ୍ଧିର ପ୍ରତିପନ୍ନତା ନିହିତ ରହିଥିବାରୁ ଆମେ ମାନବୀୟ ଗୁଣରେ ଆଭୂଷିତ ଅଟୁ। ଏଥିପାଇଁ ବିଶ୍ୱ ନିୟନ୍ତାଙ୍କୁ କୋଟି କୋଟି ଦଣ୍ଡବତ । ଚଳିତ ଏହି ନବ ବର୍ଷ ଆମ ପାଇଁ କିଭଳି ସୁଖଦ ଓ ସ୍ମୃତିମୟ ହେବ, ତା ପାଇଁ ଆମକୁ ସ୍ୱାନ୍ତକରଣରେ ସଚେତନ ହେବାକୁ ପଡ଼ିବ।

ବହୁ ସ୍ମୃତିରାଜିର ଗନ୍ତାଘର ପୁରୁଣା ବରଷଟି ଏବେ ବିଦାୟୀ ବର୍ଷ ଭାବେ ଇତିହାସ ହୋଇଛି। ଅତୀତର ସେହି ସାରା ବର୍ଷର ପ୍ରତି ଦିନରେ ରେଖାଙ୍କିତ ତଥା ଲିପିବଦ୍ଧ ହୋଇସାରିଥିବା ବିଗତ ଘଟଣାବଳୀ ତଥା ଅତୀତ ସ୍ମୃତିରାଜୀ ନିଶ୍ଚିତ ଭାବରେ ଆମ ସଭିଏଁ ଆମର ପ୍ରତି ଜୀବନର ଅତୀତ ସ୍ମୃତିରାଜି ବୋଲି ଭୁଲି ଯିବା ଅନୁଚିତ। ପୁରୁଣା ବର୍ଷ ସହିତ କେତେ କେତେ ସକରାତ୍ମକ ଆଉ ନକରାତ୍ମକ କାର୍ଯ୍ୟ ଓ କାରଣ ରହିଥିଲା,ଏହାର ସବିଶେଷ ରୋମନ୍ଥନ କରିବା ନିହାତି ଜରୁରୀ ଅଟେ। ଦିନ ବିତିଯାଏ, ସ୍ମୃତି ରହିଯାଏ। ଏହାର ସଫଳ କାର୍ଯ୍ୟ କାରଣର ନିର୍ଯ୍ୟାସ ନିକାଲି ଆଗାମୀ ଦିନରେ ଏହାର ସମ୍ବଶୋଧିତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ହୁଏତ ଆଗାମୀ ଦିନରେ ସଫଳତା ସ୍ମୃତିଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ଏକ ଆଶାନ୍ୱିତ ଭାବ ଉଦ୍ଦିପକ ପନ୍ଥା ହେବା ଉଚିତ।

ଆମର ପ୍ରତିଟି ବରଷ ଆମ ଜୀବନକାଳରେ ଅଙ୍ଗାଙ୍ଗୀ ଭାବେ ନିବିଡ ଜଡ଼ିତ। କିଏ କହିପାରେ ହୁଏତ ଆପେ ବଞ୍ଚିଗଲେ ଆପଣା ବାପର ନାଁ । ଆପଣା ଘରପରିବାର ଏକାନ୍ତରେ ହୁଏତ ଆପଣାର ବୋଲି ସଭିଏଁ ଭାବି ନେଇ ପାରନ୍ତି। ହେଲେ ଏ ବଞ୍ଚିବାରେ ଯେପରି ଆପଣା ଘର ପରିବାରର ସ୍ୱାର୍ଥ ଓ ସହକାର ରହିଛି, ସେହିପରି ଅନ୍ୟ କୁ ଆପଣାର କରି ଲୋଡ଼ିବା ପଣରେ ପରିପୃଷ୍ଟ ଜୀବନ କେତେ ତୃପ୍ତି ର ଅବକାଶ ଆଣେ, ତାହା କେବଳ ଅନୁଭବୀ ହିଁ ମରମେ ବୁଝିପାରେ। ସେହିପରି ଆପଣଙ୍କର ଗୋଟିଏ ଜୀବନର ପରିପୃଷ୍ଟି ସକଳ ପ୍ରାଣର ସମୃଦ୍ଧି ଓ ସହକାରର ଫଳ ଶୃତି ଅଟେ ବୋଲି ଭୁଲି ଯିବାର ଆସ୍ପର୍ଦ୍ଧା ନିହାତି ଶୁଭଚିନ୍ତକ ନୁହେଁ।

ବସୁଧୈବ କୁଟୁମ୍ବକମ ନ୍ୟାୟରେ ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ଆଜି ବିପର୍ଯ୍ୟସ୍ତ ଅବସ୍ଥା ରେ। ସାମ୍ପ୍ରତିକ ବିଶ୍ୱରେ ଅନେକ ଦେଶ ପଡ଼ୋଶୀ ଦେଶ ଓ ବିଦେଶ ସହ ନିହିତ ସ୍ୱାର୍ଥ ସିଦ୍ଧି ପାଇଁ ଯୁଦ୍ଧରେ ବ୍ୟାପୃତି ସମଗ୍ର ବିଶ୍ୱର ଶାନ୍ତି ପ୍ରତିଷ୍ଠା ପାଇଁ ଅନ୍ତରାୟ ସୃଷ୍ଟି କରୁଛି। ସ୍ଥାନେ ସ୍ଥାନେ, ଏକାଧିକ ଅଞ୍ଚଳରେ ମୁଷ୍ଟିମେୟଙ୍କ ଲାଗି ଗୁଳିଗୋଳା ବିସ୍ଫୋରଣ, ରକ୍ତପାତ, ରାହାଜାନୀ, ଚୋରି ଲୁଣ୍ଠନ, ଦୁଷ୍କର୍ମ, ମିଥ୍ୟାଚାର, ଅନ୍ୟାୟ ଅତ୍ୟାଚାର ,ପରଶ୍ରୀକାତରତା, ସ୍ୱାର୍ଥପରତା, ସାଧାରଣରେ ଶାନ୍ତି ବ୍ୟାହତ କରିବା ସହ ପ୍ରଭାବିତ ଜନଜୀବନ ଦାରୁଣ ଦୁଃଖ ବେଦନାରେ ଅସହାୟ ହେଉଛନ୍ତି। ଜୋରଦାର ମୁଳକ ତାର ନୀତି ରେ ଗୋଷ୍ଠୀ ଗୋଷ୍ଠୀ, ସମ୍ପ୍ରଦାୟ ସମ୍ପ୍ରଦାୟ ଭାଗ ଭାଗ ହୋଇ ଅଶାନ୍ତ ପରିବେଶ ସାଧାରଣ ମାନବ ଜୀବନକୁ ଏକବାର ଅସହାୟ ତଥା କଳୁଷିତ କରି ରଖିଥିବା ପ୍ରକାଶ। ସର୍ବ ଧର୍ମ ସମନ୍ୱୟ ରକ୍ଷା କରି ସକଳ ଘଟରେ ନାରାୟଣ ରହିଛନ୍ତି ବୋଲି ଅନେକ ନିଜକୁ ପରୋକ୍ଷରେ ଅମଣିଷ ବୋଲି ପ୍ରତିପାଦନ କରିବାରେ ଲାଗିପଡିଥିଲେ ମଧ୍ୟ ଆପଣା କୃତକର୍ମ ପାଇଁ ପଶ୍ଚାତାପ ଏବେ ସୁଦୂର ପରାହତ ଅଟେ। ଏବେ ବିଶ୍ୱର ଅନେକ ସ୍ଥାନରେ କ୍ଷୁଧାରେ ନିପୀଡିତ ଅସଂଖ୍ୟ ପ୍ରାଣ। କ୍ଷୁଧା ଜର୍ଜରିତ ମଣିଷ ର କ୍ଷୁଧାର ଅପନୋଦନ ପାଇଁ ଆମକୁ ବୁଝି ଆବଶ୍ୟକ କର୍ତ୍ତବ୍ୟକର୍ମ ନିର୍ଧାରଣ କରିବାକୁ ପଡ଼ିବ।

ଅତୀତର ଯେଉଁ ଘଟଣାବଳୀ ସାଧାରଣରେ ଅଗ୍ରହଣୀୟ ଥିଲା, ତାର ସମ୍ବଶୋଧିତ ପନ୍ଥା ଆମକୁ ଆଚିରିବାକୁ ପଡ଼ିବ। ସକରାତ୍ମକ ଚିନ୍ତାଧାରା ସମାଜ କୁ ଉଦବୁଦ୍ଧ କରିଥାଏ। ଏଥିପାଇଁ ଆମକୁ ସଚେତନ ହେବାକୁ ପଡ଼ିବ। ବିବେକର ଡାକରାକୁ ଅନୁସରଣ କରି ଆମ ସମସ୍ତଙ୍କୁ ସତ୍ୟନିଷ୍ଠ ଭାବନା ରେ ଉଦବଦ୍ଧ ହେବାକୁ ହିଁ ପଡ଼ିବ। ମନେ ରଖିବାକୁ ପଡିବ ଯେ, ବିଶ୍ୱ ଶାନ୍ତି ସହାବସ୍ଥାନ ପାଇଁ ଆମକୁ ସର୍ବ ଧର୍ମ ସମନ୍ୱୟ ରକ୍ଷା କରିବାକୁ ସଚେତନ ହେବାକୁ ପଡ଼ିବ। ଆମ ଘର ପରିବାର ସୁରକ୍ଷା ପାଇଁ ଆମ ସମାଜ ସନ୍ଥିତିର ସୁରକ୍ଷା ଜରୁରୀ। ସମାଜର ସୁରକ୍ଷା ପାଇଁ ଆମ ଅଞ୍ଚଳ, ଆମ ରାଜ୍ୟର ସୁରକ୍ଷା ମଧ୍ୟ ଜରୁରୀ। ରାଜ୍ୟର ସୁରକ୍ଷା ଆମ ଦେଶ ସୁରକ୍ଷିତ ରହିଲେ ସମ୍ଭବ ହୋଇପାରିବ। ଦେଶର ସୁରକ୍ଷା ପାଇଁ ଆମର ପଡୋଶୀ ଦେଶ ସମେତ ସାରା ବିଶ୍ୱରେ ଶାନ୍ତି ଓ ସୁରକ୍ଷା ପାଇଁ ବିଚାର ଆଣି ଦେଶ ଦେଶ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଅନିର୍ବାର୍ଯ୍ୟ ଅଟେ। ସମୟ ଅତିକ୍ରାନ୍ତ ସହିତ ତାରିଖ ବଦଳି ପାରେ, ହେଲେ ପ୍ରତିଟି ତାରିଖର ଘଟଣା ବହୁଳ ଦିନଟି ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ହେଉ ବୋଲି ଆପଣା ପ୍ରତିଟି କର୍ତ୍ତବ୍ୟ ସମ୍ପାଦନ କୁ ଗଠନମୂଳକ ଭାବେ ସୁସମ୍ବହତ କରିବା ଆବଶ୍ୟକ। ଇତିହାସର ଆଇନାରେ ପ୍ରତିଟି ବର୍ଷ ନିଶ୍ଚୟ ଘଟଣାବହୁଳ। ତେବେ ଦିନ ପରେ ଦିନ ଗଡି ଚାଲିଥିଲା ବେଳେ ଗୋଟିଏ ବର୍ଷ ପୂରଣ ନିଶ୍ଚୟ ଏକ ସୋପାନ ମାତ୍ର। ଏହି କ୍ରମରେ ଆମେ ସମସ୍ତେ ପୁରୁଣା ବର୍ଷକୁ ବିଦାୟ ଦେଇ ନବବର୍ଷରେ ଉପନୀତ ହୋଇସାରିଛେ। ଏହି ଭାବ ପ୍ରବଣ ମୁହୂର୍ତ୍ତରେ ଆମେ ଗୋଟିଏ ଜୀବନ ନୁହେଁ କୋଟି ଜୀବନର ନାୟକ ଭାବେ ଏକାନ୍ତ ଓ ଏକାତ୍ମ ହୋଇ ଯଦି ସଦାଚାରିତା ସହିତ ଆମର ଆଗାମୀ ପ୍ରତିଟି କର୍ମପନ୍ଥାକୁ ଗଠନମୂଳକ ଓ ପରାର୍ଥ ଉତ୍ସର୍ଗୀକୃତ କରାଇପାରିବା, ତେବେ ଆମ ଜୀବନ କାଳରେ ଆମ ସହ ନୂଆ ନୂଆ ଯୋଡ଼ି ହୋଇ ଆସୁଥିବା ପ୍ରତିଟି ନୂତନ ବର୍ଷ ଏକ ଅଭିଳଷିତ , ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ଚେତନାଉଦ୍ଦିପ୍ତ ବର୍ଷ ହୋଇ ସମୟଚକ୍ରରେ ଆଗାମୀ ଉତ୍ତରପୀଢୀ ତଥା ପ୍ରତି ଜୀବନ ଉପରେ ନିଶ୍ଚିତ ଭାବରେ ସକାରାତ୍ମକ ପ୍ରଭାବ ପକାଇପାରିବ। ତେବେ ସବୁରି ଜୀବନ ଜ୍ୟୋତିର୍ମୟ ହେବ, ଏଥିରେ ସନ୍ଦେହ ନାହିଁ। ଏହି ନବ ବର୍ଷ ବିଶ୍ୱ ଶାନ୍ତି ସହାବସ୍ଥାନ ପାଇଁ ଏକ ସମୃଦ୍ଧିର ବର୍ଷ ହେଉ। ସମଗ୍ର ମାନବ ଜାତି ତାର ସମସ୍ତ ମାନବୀୟ ଗୁଣର ଉପଲବ୍ଧି ପାଉ। ଜୟ ଜୀବନ। ଜୟ ଜଗତ ।।

**ସ୍ତମ୍ଭକାର, ନାଚୁଣୀ, ଖୋର୍ଦ୍ଧା**
**ପିନ୍ : ୭୫୨୦୩୪**
**ମୋ: ୬୩୭୦୪୯୫୯୪୪**
mailpariprakas@gmail.com

# ମଣିଷ ପଣିଆର ମଣିଷଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ଇଂ ଧର୍ମ ପ୍ରସାଦ ମିଶ୍ର (୧୯୪୧-୨୦୨୩)

ତାଙ୍କ ନାଁ ଥିଲା ଧର୍ମ ପ୍ରସାଦ ଏବଂ ସତରେ ସେ ଥିଲେ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଉଥିବା ଜଣେ ଦରଦୀ ମଣିଷ। ୧୯୯୮ରୁ ୨୦୦୨ ଚାରି ବର୍ଷ ପର୍ଯ୍ୟନ୍ତ ମୁଁ ତାଙ୍କ ଦୁଇ ପୁଅ ଦେବୀଦତ୍ତ (ସାଧକ) ଓ ମାତୃଦତ୍ତ (ଯାଚକ)ଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏମ.କେ ଫର୍ମସ୍ ର ମାର୍କେଟିଙ୍ଗ୍ ମ୍ୟାନେଜର୍ ଓ ପ୍ରଶାସନିକ ଅଫିସର୍ ଭାବେ କାମ କରୁଥିଲି। ତେଣୁ ସେହି ସମୟରୁ ମଉସାଙ୍କ ସହ ମୋର ପରିଚୟ ଗଢିଉଠିଥିଲା। ସବୁବର୍ଷ ଦୁର୍ଗାଷ୍ଟମୀରେ ଘରେ ଦୁର୍ଗାପୂଜା ହେଉ କି ଘରେ ପିତୃପୁରୁଷଙ୍କ ଶ୍ରାଦ୍ଧ ହେଉ ସବୁଥିରେ ସେ ଆମକୁ ତାଙ୍କ ନୟାପଲ୍ଲୀ ବାସଭବନକୁ ଭୋଜି ଖାଇବା ପାଇଁ ନିମନ୍ତ୍ରଣ କରୁଥିଲେ। ଆଜି ତାଙ୍କୁ ସୁମରିବାର ବିଶେଷ କାରଣ ହେଲା ଭୋଜି ବାଢ଼ିବା ସମୟରେ ପାଖେପାଖେ ରହି ଖାଇବା ଓ ପରଷିବା ଉଭୟ କଥା ବୁଝୁଥିଲେ। ତାଙ୍କର ବିଶେଷ ଗୁଣ ହେଲା ସେ ମଣିଷ ଚିହ୍ନିବା ରେ ଧୁରନ୍ଧର ଥିଲେ। ବଣିଆ ସୁନା ଚିହ୍ନିଲା ଭଳି ସେ ମଣିଷର ମନ ଓ ପେଟ ଉଭୟକୁ ଚିହ୍ନି ପାରୁଥିଲେ। କିଏ କଣ ଖାଇବ, ପସନ୍ଦ ଅପସନ୍ଦ ଜାଣି ସେଇ ଅନୁସାରେ ପରଷିଦେବାକୁ କୁହନ୍ତି। ମୁଁ ସେତେବେଳେ ମାତ୍ର ୧୨୦୦ ଟଙ୍କା ଦରମା ପାଉଥିଲି। ମଉସା ଦିନେ ମତେ ଡାକି ପଚାରିଲେ ଜ୍ଞାନ, ଏ ଜାଚକ ସାଧକ ଯାହା ଦରମା ଦେଉଛନ୍ତି ତୁମକୁ ପାଉଛି ତ ? ମୁଁ ହସି ଦେଇଥିଲି, ଆଉ ହଁ କରିଥିଲି। ସେ କିନ୍ତୁ ମତେ ଛାଡ଼ି ନଥିଲେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥିଲେ। ଶେଷରେ କହିଥିଲେ ଶୁଣ ଜ୍ଞାନ, ମୁଁ ଜାଣି ପାରୁଛି ତୁମେ ପାଉଥିବା ଦରମାରେ ଘର ଚଳାଇବା କଷ୍ଟ ହେଉଥିବ। କିନ୍ତୁ ଚିନ୍ତା କରିବନି, ଯେତେବେଳେ ଯଦି କିଛି ଅସୁବିଧା ହେବ, ଯାଚକ ସାଧକଙ୍କୁ ନ କହି ମତେ କହିବ, ମୁଁ ଅଛି। ସେଦିନର ସେ ଦୁଇପଦ କଥା ଆଜି ମନେ ପକାଇଲାବେଳକୁ ଆଖି ଲୁହରେ ଭରିଯାଉଛି।

ଏମିତି କୌଣସି ପର୍ବ ପର୍ବାଣୀ ନଥିଲା ଯାହାକି ମଉସା ଘରେ ପାଳନ କରୁନଥିଲେ। ଚିଫ୍ ଇଂଜିନିୟର ପଦବୀ ରୁ ଅବସର ନେଲାପରେ ସେ ଅନେକ କନଷ୍ଟ୍ରକସନ୍ କମ୍ପାନୀର ଉପଦେଷ୍ଟା ଭାବରେ କାମ କରିଛନ୍ତି। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେ ପରମ ଭକ୍ତ ଥିଲେ। ସେଥିପାଇଁ ବୋଧେ ମହାପ୍ରଭୁ ତାଙ୍କରି ମନ୍ଦିର ମରାମତି ଓ ସୁରକ୍ଷା କାମ ତନଖି ଓ ସୁପରିଚାଳନାରେ ତାଙ୍କୁ ସଂପୃକ୍ତ କରାଇ ପାଖେପାଖେ ରଖିଥିଲେ। ତାଙ୍କର ଦୁଇ ସୁପୁତ୍ର ମାତୃଦତ୍ତ ଓ ଦେବୀଦତ୍ତ ଉଭୟ ଏବେ ଏକ ପ୍ରତିଷ୍ଠିତ ବିଲ୍ଡର୍ କମ୍ପାନୀ ଏସ.ଜେ ଡେଭଲପର୍ ପ୍ରତିଷ୍ଠା କରି ସଫଳତା ହାସଲ କରିଛନ୍ତି। ଉଭୟ ବାପାଙ୍କ ସମସ୍ତ ଭଲ ଗୁଣର ଅଧିକାରୀ। ମୋର ଚାକିରି ଛାଡିବାର ଦୀର୍ଘ ୨୦ ବର୍ଷ ହେଲାଣି। କଦବା କ୍ୱଚିତ ଘଟଣାକୁ ଛାଡିଦେଲେ ମୋର ଦୁଇଜଣଙ୍କ ସାଙ୍ଗେ ପ୍ରାୟ ଦେଖା ହୋଇନାହିଁ। ତଥାପି ମଉସାଙ୍କ ଦୁଃଖନ୍ତ ଦେହାନ୍ତର ଖବର ମତେ ଜଣାଇ ଏକାଦଶାହକୁ ଯିବାପାଇଁ ଡାକିଛନ୍ତି। ମତେ ଲାଗୁଛି ସତେ ଯେମିତି ମଉସା ଉପରୁ ନିର୍ଦ୍ଦେଶ ଦେଇଛନ୍ତି ଜ୍ଞାନକୁ ଡାକ ବୋଲି। କିନ୍ତୁ ମୋତେ ଆଜି ତାଙ୍କ ନୟାପଲ୍ଲୀ ଘରକୁ ନୁହେଁ ବରଂ ଶ୍ରଦ୍ଧାସୁମନ ଜଣାଇବା ପାଇଁ ଲୁମ୍ବିନୀ କନଭେନସନ୍ ଯିବାକୁ ପଡିବ। ସେଠାରେ ଆଜି ଆଉ ମଉସା ନଥିବେ, ଭଲ-ମନ୍ଦ, ସୁଖ-ଦୁଃଖ କଥା ପଚାରିବାକୁ କି ଖାଇବା-ପରଖିବା କାମ ଦେଖିବାକୁ। ସବୁକିଛି ସଫେଦ ଆଉ ଫାଙ୍କା ଫାଙ୍କା ଲାଗିବ। କିନ୍ତୁ ବୈକୁଣ୍ଠରେ ଥାଇ ତାଙ୍କର ଆଶୀର୍ବାଦର ହାତ ସବୁବେଳେ ସଭିଙ୍କ ଉପରେ ଥିବ। ମଉସାଙ୍କୁ ଭକ୍ତିପୂତ ପ୍ରଣାମ ଓ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ଅମର ଆତ୍ମାର ସଦଗତି କାମନା କରୁଛି।

**ଜ୍ଞାନ ରଞ୍ଜନ ମିଶ୍ର**
ସମ୍ପାଦକ, ଭଏସ୍ ଅଫ ଭିକ୍ଟମ୍ସ




# Politics taking the first seat at OSOU

## 70 employees including pregnant lady staffs terminated

## Serious allegations against VC

**Meena Nayak Mohanty,** Bhubaneswar

Work at TheOdisha Open University (OSOU)was brought to a halt on Wednesdayby the protesting staff of the university as they resorted to strike against the alleged atrocities imposed by the Vice Chancellor Shri Arka Kumar Das Mohapatra, demanding reinstatement of terminated staff, refrainment from threat of termination and restraint in the VC's behaviour towards his staff.

Theprotesting employeeshave brought forward serious allegations of minacious conduct, mental torture, vindictive attitude and nepotism against the VC. "Dr Das Mohapatra has developed a habit of firing old and experienced staff members over trivial issues, threatening many of termination, forcing unreasonablyto write letter of apology, threatening protesting employees of police actions and deducting salary of pregnant staff", one of the protesters said.

Since Dr Das Mohapatra has taken charge of OSOU three years ago,more than 70 long-term staff members have been terminated or forced to resign allegedly over trivial issues or his malicious behaviour.In the past two months, five staff have been terminated including two women employees. "In place of such experienced and efficient staff, relatives and inexperienced candidates referred by powerful persons have been recruited. Some of the terminated workers were reemployed by an agency on contractual terms, however, despite their efficiency and sincerity, the VC pursues a vindictive attitude towards them causing excessive stress and panic" another protesting staff said.

Women workers have expressed their dissatisfaction and distress against Shri Arka over his apathy and misconduct towards the lady staff. Ajunior executive Ms Sumita Maharanasaid, "I've been working here for last five years.I took maternity leave in January last year and resumed duty in July. After working for two months, I was served one month notice citing negligence despite doing all the assigned work. Such actions are hampering the functioning of the University."

Abhinandan Tripathy, a staff said, "In the recent past many employees were issued termination notice citing indiscipline which were later withdrawn. We demand the VC to change such awfulbehaviour towards the employees."

Dr Das Mohapatra has been in the line of fire by the media on the issues regarding non compliance of the UGC norms on University status, termination of efficient teaching staff, state-wide protests by the existing and old students on abrupt closure of Post Graduate programmes, mismanagement of the internal and student affairs and a non-cooperative attitude. Dissatisfaction over removal of competent teachers, irregularity in teacher recruitment, mismanagement in conducting classes and exams, unresponsive student grievances cell and sudden discontinuity of PG courses have been boiling over for a long time. The strike has added fuel to the fire as the staff have come out openly against the VC.

"If immediate action is not taken and Shri Das Mohapatra does not change his behaviour, we will be forced take it to the streets to attract the attention of the Governer", one of the protesters reiterated.

# ବାଲ୍ୟାବସ୍ଥାରେ ଭାଗ୍ୟ ଠକିଥିଲା ! ଯୌବନରେ ଧୋକା ଦେଲା ସ୍ୱାମୀ

ସୁବର୍ଣ୍ଣପୁର (ଭ)ଭଲ କରି ଦୁନିଆ ଦେଖିବା ପୂର୍ବରୁ ବାପାଙ୍କୁ ହରାଇଥିଲେ ନନ୍ଦିନୀ ଯୋଷୀ । ତେଣୁ ମାଆଙ୍କ ସହିତ ମାମୁ ଘରକୁ ଚାଲି ଯାଇଥିଲେ । ସେଠାରେ ଦୁଃଖେ କଷ୍ଟରେ ଚଳୁଥିଲେ । ଏତେ ଦୁଃଖ ପରେ ମଧ ଦଇବ ସହିଲା ନାହିଁ । ମାଆକୁ ଛଡ଼ାଇନେଲା ।

ବାଲ୍ୟାବସ୍ଥାରେ ଭାଗ୍ୟ ଠକିଥିଲା ! ଅବେଳରେ ବାପାମାଆଙ୍କୁ ଛଡ଼ାଇ ନେଇଥିଲା । ଅନାଥାଶ୍ରମରେ କଟିଥିଲା ଜୀବନ । ଯୌବନରେ ଧୋକା ଦେଲେ ସ୍ୱାମୀ । ଅକଥନୀୟ ନିର୍ଯାତନା ଦେଲେ । ଉଲଗ୍ନ କରି ମାଡ଼ ମାରି ଘରୁ କାଢ଼ିଦେଲେ । ଏବେ ନ୍ୟାୟ ପାଇଁ ଆକୁଳ ନିବେଦନ କରୁଛନ୍ତି ନନ୍ଦିନୀ । ଏପରି ହୃଦୟବିଦାରକ ଘଟଣା ସୁବର୍ଣ୍ଣପୁର ଜିଲ୍ଲାରେ ଘଟିଛି । ପୀଡ଼ିତା ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସ୍ୱାମୀଙ୍କଠାରୁ ମୁକ୍ତି ପାଇବାକୁ ନେହୁରା ହେଉଛନ୍ତି ।



ଭଲ କରି ଦୁନିଆ ଦେଖିବା ପୂର୍ବରୁ ବାପାଙ୍କୁ ହରାଇଥିଲେ ନନ୍ଦିନୀ ଯୋଷୀ । ତେଣୁ ମାଆଙ୍କ ସହିତ ମାମୁ ଘରକୁ ଚାଲି ଯାଇଥିଲେ । ସେଠାରେ ଦୁଃଖେ କଷ୍ଟରେ ଚଳୁଥିଲେ । ଏତେ ଦୁଃଖ ପରେ ମଧ ଦଇବ ସହିଲା ନାହିଁ । ମାଆକୁ ଛଡ଼ାଇନେଲା । ମାଆ ଅଫେରା ପଥରେ ଚାଲିଯିବା ପରେ ନନ୍ଦିନୀ ସମ୍ପୂର୍ଣ୍ଣ ଏକଲା ହୋଇଯାଇଥିଲେ । ମାମୁ ଘର ଲୋକ ତାଙ୍କୁ ରଖିବାକୁ ରାଜି ହେଲେନି । ତେଣୁ ତାଙ୍କୁ ନେଇ ନୃସିଂହନାଥରେ ଥିବା କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ଛାଡ଼ି ଦେଇଥିଲେ । ସେହି ଆଶ୍ରମ ପାଲଟି ଥିଲା ନନ୍ଦିନୀଙ୍କ ନୂଆ ଠିକଣା । ସେଠାରେ ରହି ସେ ପାଠ ପଢ଼ିଲେ । ମାଟ୍ରିକ୍ ପାସ୍ କରିବା ପରେ ଯୁକ୍ତ ଦୁଇରେ ଆଡ୍‌ମିସନ୍ କରାଇଥିଲେ । କଲେଜରେ ପାଠ ପଢ଼ା ସହିତ ସେ ଗୋଟିଏ ଶପିଂ ମଲ୍‌ରେ କାମ କରୁଥିଲେ । ଆଉ ସଞ୍ଜ ନଇଁଲେ ଫେରି ଆସୁଥିଲେ ଆଶ୍ରମ ।

ନନ୍ଦିନୀ କଲେଜରେ ପଢୁଥିବା ସମୟରେ ତରଭା ଭଣ୍ଡାରୀପଡାର ସୁମିତ ଶର୍ମାଙ୍କ ପରିବାର ଲୋକ ବାହାଘର ପ୍ରସ୍ତାବ ନେଇ ଯାଇଥିଲେ । ଦେଖାଚାହାଁ ପରେ ଆଶ୍ରମ କର୍ତ୍ତୃପକ୍ଷ ବାହାଘର ଠିକ୍ କରିଥିଲେ । ସୁମିତ ଶର୍ମାଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ ନନ୍ଦିନୀ ଯୋଷୀ । ବାହାଘର ପରେ ଶାଶୁ ଘରକୁ ଯାଇଥିଲେ । ବେଶ୍ ହସ ଖୁସିରେ ଚାଲି ଥିଲା ସଂସାର । ନିଜ ପରିବାରକୁ ନେଇ ବହୁ ଖସିଥିଲେ ନନ୍ଦିନୀ । ୩ ବର୍ଷର ବୈବାହିକ ଜୀବନରେ ମାଆ ଭାବେ ନୂଆ ପରିଚୟ ପାଇଥିଲେ । ଗୋଟିଏ ଝିଅର ମାଆ ହୋଇଥିଲେ । ସବୁକିଛି ଠିକ୍‌ଠାକ୍ ଚାଲିଥିବା ବେଳେ ହଠାତ୍ ପରିବାରରେ ଉଠିଲା ଅଶାନ୍ତିର ଝଡ଼ । ଯେଉଁ ଝଡ଼ରେ ଆକ୍‌ତା ମାକ୍‌ତା ହୋଇଗଲେ ନନ୍ଦିନୀ । ଆରମ୍ଭ ହେଲା ମାନସିକ ଓ ଶାରୀରିକ ନିର୍ଯାତନା ।

କଥା କଥାରେ ନନ୍ଦିନୀଙ୍କ ଉପରେ ହେଉଥିଲା ମାଡ଼ । ସ୍ୱାମୀ ସୁମିତ ଶର୍ମା ତାଙ୍କୁ ଦେଉଥିଲେ ଅକଥନୀୟ ନିର୍ଯାତନା । ତେବେ ଶୁକ୍ରବାର ସବୁ ସୀମା ପାର କରିଥିଲା ନିର୍ଯାତନା । ନନ୍ଦିନୀଙ୍କୁ ଉଲଗ୍ନ କରି ସୁମିତ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ଏ ନିର୍ଯାତନା ଅସହ୍ୟ ହେବାରୁ ସାହିର କିଛି ମହିଳା ତାଙ୍କୁ ଉଦ୍ଧାର କରି ମେଡ଼ିକାଲ୍‌ରେ ଭର୍ତ୍ତି କରାଇଥିଲେ । ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି ନନ୍ଦିନୀ । ପରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଅଭିଯୁକ୍ତ ସ୍ୱାମୀ ସୁମିତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୀଡ଼ିତାଙ୍କୁ ଜାଗୃତି ହୋମ୍‌ରେ ରଖାଯାଇଛି ।

# ପରିକ୍ରମା: ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ

## କର୍ମୀ ଓ ସାଧାରଣ ଜନତା ନୂଆ ଚାଣକ୍ୟ ଦେବାଶୀଷ ପଟ୍ଟନାୟକ (କାଳୁ)ଙ୍କ ସପକ୍ଷରେ



ନୟାଗଡ(ଭିଓଭି): ଓଡିଶା ରାଜନୀତି ଇତିହାସରେ ରଣପୁର ନିର୍ବାଚନ ମଣ୍ଡଳୀର ଏକ ସ୍ୱତନ୍ତ୍ର ଇତିହାସ ରହିଛି। ପାଖାପାଖି ଏକ ଲକ୍ଷ ନବେ ହଜାର ଭୋଟରଙ୍କୁ ନେଇ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ଭାବରେ ପ୍ରସିଦ୍ଧି ଲାଭ କରିଛି। ଅତୀତରେ ରାଣୀ ବସନ୍ତମଞ୍ଜରୀ ଦେବୀ ଏଠାରୁ ନିର୍ବାଚିତ ହୋଇ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ। ମାର୍କ୍ସବାଦି କମ୍ୟୁନିଷ୍ଟ ଦଳ ତରଫରୁ ଟାଣୁଆ ନେତା ରମେଶ ଚନ୍ଦ୍ର ପଣ୍ଡା (ସିଦ୍ଧାର୍ଥ ପଣ୍ଡା ଓ ମାଓ ନେତା ସବ୍ୟସାଚୀ ପଣ୍ଡାଙ୍କ ବାପା) ଲଗାତାର ତିନିଥର (୧୯୭୧, ୧୯୭୪ ଓ ୧୯୭୭) ଏଠାରୁ ନିର୍ବାଚିତ ହେବାର ରେକର୍ଡକୁ ଆଜି ପର୍ଯ୍ୟନ୍ତ କେହି ଭାଙ୍ଗି ପାରି ନାହାଁନ୍ତି। କଂଗ୍ରେସ ଦଳ ପକ୍ଷରୁ ଶ୍ରୀ ରମାକାନ୍ତ ମିଶ୍ର ୪ ଥର (୧୯୮୦, ୧୯୮୫, ୧୯୯୫ ଓ ୨୦୦୦) ଏଠାରୁ ନିର୍ବାଚିତ ହେଇଛନ୍ତି। ରାଜ୍ୟର କୃଷିମନ୍ତ୍ରୀ ହେଇଛନ୍ତି ଓ ବିରୋଧିଦଳ ନେତା ମଧ୍ୟ ହେଇଛନ୍ତି କିନ୍ତୁ ରମେଶ ପଣ୍ଡାଙ୍କ ଲଗାତାର ତିନିଥର ରେକର୍ଡକୁ ସେ ଭାଙ୍ଗି ପାରି ନଥିଲେ। ୧୯୯୦ ମସିହାରେ ତାଙ୍କର ତୃତୀୟ ଥର ହାଟ୍ରିକ୍ ବିଜୟରେ ବ୍ରେକ୍ ଲଗାଇଥିଲେ ଶରତ ଚନ୍ଦ୍ର ମିଶ୍ର। ଶିକ୍ଷାବିତ୍‌ରୁ ରାଜନେତା ପାଲଟିଥିବା ରଣପୁର, ବୃନ୍ଦାବନ ପୁର ମାଟିର ପୁଅ ଶରତ ଚନ୍ଦ୍ର ମିଶ୍ର ଜନତାଦଳ ଟିକେଟ୍ ରେ ଲଢି ରମାକାନ୍ତଙ୍କୁ ହରାଇଥିଲେ। ୧୯୯୫ରେ ରମାକାନ୍ତ ମିଶ୍ର ଙ୍କ ଠାରୁ ହାରିବା ପରେ ଶରତ ମିଶ୍ର ଆଉ ନିର୍ବାଚନ ଦୃଶ୍ୟପଟ ରେ ଦିଶିନାହାଁନ୍ତି। ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ନିର୍ବାଚନ ଗୁଡ଼ିକୁ ଯଦି ଆମେ ଅନୁଧ୍ୟାନ କରି ଦେଖିବା ତେବେ ଗୋଟିଏ କଥା ସ୍ପଷ୍ଟ ଯେ ବିଜୁ ଜନତା ଦଳ ସମାନ ପ୍ରାର୍ଥୀଙ୍କୁ ପୁନଃ ଚୟନ କେବେହେଁ କରିନାହିଁ। ୨୦୦୪ ମସିହାରେ ବିଜେପି ଓ ବିଜେଡିର ମିଳିତ ମେଣ୍ଟ ପ୍ରାର୍ଥୀ ସୁରମା ପାଢ଼ୀ, ୨୦୦୯ ମସିହାରେ ବିଜେଡିରୁ ସତ୍ୟ ନାରାୟଣ ପ୍ରଧାନ (ବାଦଲ), ୨୦୧୪ ମସିହାରେ ବିଜୁ ଜନତା ଦଳ ତରଫରୁ ରଣପୁର ମାଟିର ଲଢୁଆ ପୁଅ ରବି ନାରାୟଣ ମହାପାତ୍ର ଏବଂ ଶେଷ ନିର୍ବାଚନ ୨୦୧୯ ମସିହାରେ ସତ୍ୟ ନାରାୟଣ ପ୍ରଧାନଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଛି ଏବଂ ସଫଳତା ପାଇଛି। ରିପୋର୍ଟ ଅନୁସାରେ ୨୦୦୯ ମସିହା ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀ ସତ୍ୟ ନାରାୟଣ ୫୪.୪୮% ଶତକଡା ଭୋଟ ପାଇଥିବା ବେଳେ ୨୦୧୯ ମସିହା ନିର୍ବାଚନ ମାତ୍ର ୪୬.୬୬% ଶତକଡା ଭୋଟ ପାଇବାକୁ ସକ୍ଷମ ହୋଇ ନିର୍ବାଚିତ ହୋଇଥିଲେ। ବିଜୟ ହୋଇଥିଲା ସତ କିନ୍ତୁ ଭୋଟ ହାର ଓ ଲୋକପ୍ରିୟତା କମିଥିଲା।

ବିଜୁ ଜନତା ଦଳ ର ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରାର୍ଥୀ ଚୟନ ତାଲିକାକୁ ଅନୁଧ୍ୟାନ କଲେ ଗୋଟିଏ କଥା ଜଳ ଜଳ କରି ଦେଖା ଯାଉଛି ଯେ କୌଣସି ଥର ଦଳ ପ୍ରାର୍ଥୀଙ୍କୁ ରିପିଟ୍ କରୁନାହିଁ। ଚଳିତ ବର୍ଷ ନିର୍ବାଚନ ପାଖେଇ ଆସୁଥିବା ବେଳେ ଆମର ଭଏସ୍ ଅଫ୍ ଭିକ୍ଟିମ୍ସ ଟିମ୍ ରଣପୁର ନିର୍ବାଚନ ମଣ୍ଡଳୀରେ ଲୋକେ କାହାକୁ ତାଙ୍କର ନେତା ରୂପେ ଏଥର ଦେଖିବାକୁ ଚାହୁଁଛନ୍ତି ବୋଲି ଏକ ଆଭ୍ୟନ୍ତରୀଣ ସର୍ଭେ କରିଥିଲୁ। କିଏ ଜିତିବ କିଏ ହାରିବ ଏହା ଆମର ପ୍ରସଙ୍ଗ ନଥିଲା, ଆମେ କେବଳ କିଛି ଦଳୀୟ କର୍ମୀ ଓ ସାଧାରଣ ଲୋକଙ୍କ ମତାମତ ନେବାକୁ ଚାହିଁ ଜାଣିବାକୁ ଚାହିଁଥିଲୁ କାହାକୁ ସେମାନେ ଏଥର ବିଜୁ ଜନତା ଦଳ ତରଫରୁ ପ୍ରାର୍ଥୀ ଭାବେ ଦେଖିବାକୁ ଚାହୁଁଛନ୍ତି। ପଞ୍ଚାନବେ ପ୍ରତିଶତ ଲୋକଙ୍କ ମତାମତ ଥିଲା ଯେ ଶ୍ରୀ ସତ୍ୟ ନାରାୟଣ ପ୍ରଧାନ (ବାଦଲ) ଜଣେ ଉତ୍ତମ ଚରିତ୍ର, ଅମାୟିକ ଓ ହୃଦୟବାନ ମଣିଷ। କିନ୍ତୁ ଦୁଇ ଦୁଇ ଥର ବିଧାୟକ ହୋଇକି ମଧ୍ୟ ସେମିତି କିଛି ଚର୍ଚ୍ଚିତ ଛାପ ଛାଡିପାରି ନାହାଁନ୍ତି ବରଂ କିଛିଟା ବ୍ୱିବାଦୀୟ ହେଇ ନିଜର ଭାବମୂର୍ତ୍ତି ମଳିନ କରିଛନ୍ତି। ତେଣୁ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟରେ ସବୁକ୍ଷେତ୍ରରେ ନିଜକୁ ଆକ୍ଟିଭ ରଖିଥିବା ରଣପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ, ରଣପୁର ରାଜନୀତିର ନୂଆ ଚାଣକ୍ୟ, ବର୍ତ୍ତମାନ ନୟାଗଡ ଜିଲ୍ଲା ପରିଷଦର ଅଧ୍ୟକ୍ଷ ତଥା ଓଡ଼ିଶା ଜିଲ୍ଲା ପରିଷଦ ସଭାପତି ମାନଙ୍କର ସଭାପତି ଇଂଜିନିୟର ଦେବାଶିଷ ପଟ୍ଟନାୟକ (କାଳୁ) ସମସ୍ତଙ୍କର ପ୍ରଥମ ପସନ୍ଦ।

ଦଳୀୟ ପ୍ରାର୍ଥୀ ଚୟନ ଗଣିତ କହୁଛି ବିଜୁ ଜନତା ଦଳ କେବେ ପ୍ରାର୍ଥୀ ରିପିଟ୍ କରେନାହିଁ, ଏପଟେ ଦଳୀୟ କର୍ମୀ ଓ ସାଧାରଣ ଜନତା ନୂଆ ମୁହଁ ସପକ୍ଷରେ। କିଛି ଦଳୀୟ କର୍ମୀ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ବିଧାୟକ ତଥା ରାଜ୍ୟସଭା ସାସଂଦ ରବି ନାରାୟଣ ମହାପାତ୍ରଙ୍କ ପାର୍ଥିତ୍ୱ ସପକ୍ଷରେ ରେ ବି ନିଜର ମତାମତ ରଖିଥିଲେ। ଦେଖିବା କଥା ଯେ ପୂର୍ବ ରେକର୍ଡକୁ ଭୁଲି ବିଜୁ ଜନତା ଦଳ, ଚେହେରାରେ ମଳିନତା ସତ୍ୱେ ସତ୍ୟ ନାରାୟଣ ପ୍ରଧାନଙ୍କୁ ପ୍ରାର୍ଥୀ କରୁଛି ନା କର୍ମୀ ଓ ସାଧାରଣ ଜନତାଙ୍କ ପଥମ ପସନ୍ଦକୁ ସମ୍ମାନ ଜଣାଇ, ସବୁଥର ଭଳି ପ୍ରାର୍ଥୀ ପରିବର୍ତ୍ତନ ଫର୍ମୁଲାକୁ ଆପଣେଇ ଦେବାଶିଷ ପଟ୍ଟନାୟକଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଉଛି।








### ରଣପୁର ସମସ୍ୟା

**ଶିକ୍ଷା**
ସର୍ବ ପୁରାତନ ବି.ସି. ହାଇ ସ୍କୁଲ୍‌ରେ ଶିକ୍ଷକ ନିଯୁକ୍ତି ଓ କ୍ୟାମ୍ପସ୍‌କୁ ଫୁଟ ଓଭର ବ୍ରିଜ୍ କେବେ ?

**ସ୍ୱାସ୍ଥ୍ୟ: ରଣପୁର ଡାକ୍ତରଖାନାରେ ଡାକ୍ତର ଓ ଟେକ୍ନିସିଆନ୍ ପଦବି ପୁରଣ, ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଇକ୍ୟୁପମେଣ୍ଟ କିଣା ଓ ରୋଗୀ ଦେଖା ପାଇଁ ବ୍ୟବସ୍ଥିତ ଟିକେଟ କାଉଣ୍ଟର ନିର୍ମାଣ କେବେ ?**

**ସହିଦ ସମ୍ମାନ**
ସହିଦ ରଘୁ-ଦିବାକର ଓ ଅର୍ଜ୍ଜୁନ ରାଉତଙ୍କ ସ୍ମୃତି ସମ୍ମାନ ରକ୍ଷା ଏବଂ ସେମାନଙ୍କ ପରିବାର ସହିତ ଜନ୍ମମାଟିକୁ ସମ୍ମାନ ମିଳିବ କେବେ ?

**ଗମନା ଗମନ**
ଚମ୍ପତିପୁର ମନ୍ଦାକିନୀ ବ୍ରିଜ୍, ଚାନ୍ଦପୁରରୁ ସୁନାଖଳା ରାସ୍ତା, କୋଟଗଡ ପାର୍କ ନିକଟରେ ଟ୍ରାଫିକ ନିୟନ୍ତ୍ରଣ ଇତ୍ୟାଦି ସମସ୍ୟା ଦୁର ହେବ କେବେ ?

**ପ୍ରଥା ଓ ପରମ୍ପରା**
ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁରର ପ୍ରସିଦ୍ଧ ରଥଯାତ୍ରାରେ ରାଜାଙ୍କ ଉପସ୍ଥିତି ଓ ତାଙ୍କର ସେବାର ସୁବ୍ୟବସ୍ଥା କେବେ ?

**କୃଷି**
ଚାଷ ଜମିକୁ ପାଣି, ମରୁଡି ସମସ୍ୟା ଦୁର, ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ ଧ୍ୱଂସ ଇତ୍ୟାଦି ସମସ୍ୟା ଦୂର ହେବ କେବେ ?

**ଜଳାଶୟ**
ଜଳାଶୟର ରକ୍ଷଣାବେକ୍ଷଣ ଓ ଡ୍ରେନ୍ ନିର୍ମାଣ ସରିବ କେବେ ?

**ପର୍ଯ୍ୟଟନ**
ମଣିନାଗ ମନ୍ଦିରକୁ ରାଜ୍ୟ ଟ୍ୟୁରିଜିମ୍ ତାଲିକା ରେ ସାମିଲ, ପ୍ରସିଦ୍ଧ ଅସୁରକୁମାରୀ ଓ ମା ଖିଲାମୁଣ୍ଡାରେ ଯାତ୍ରୀଙ୍କ ପାଇଁ ମୌଳିକ ସୁବିଧା କେବେ ?

**ବସ ଷ୍ଟାଣ୍ଡ**
ପୁରୁଣା ବସ ଷ୍ଟାଣ୍ଡରେ ଭୟଙ୍କର ଭିଡ ସମସ୍ୟାକୁ ଦୁର କରିବାକୁ ନିୟମିତ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ କେବେ ?

**ବୈଷୟିକ ଶିକ୍ଷା**
ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ନିର୍ମାଣ କେବେ ହେବ ?

**ଜଙ୍ଗଲ ପାହାଡ**
ବ୍ରିଟିଶ ମ୍ୟୁଜିୟମ୍‌ରେ ରଣପୁରର ବାଉଁଶ ଠେଙ୍ଗା ଅଛି କିନ୍ତୁ ଏବେ ରଣପୁରରେ ଆଉ ବାଉଁଶ ଗଛଟିଏ ନାହିଁ, ଜଙ୍ଗଲ ଲୁଟ୍ ରୋକିବା, ନଣ୍ଡା ପାହାଡ ସବୁଜିମା ହେବ କେବେ ?

**ମୋବାଇଲ୍ ନେଟୱାର୍କ**
୫ଜି ଓ ୬ଜି ଯୁଗରେ ରଣପୁରର ଜାମୁଗଣ୍ଡ, ପଟିଆ, ଚାକୁଣ୍ଡାଝରରେ ମୋବାଇଲ ସେବା ଉପଲବ୍ଧ କରାଇବା ଓ ଦୁର୍ବଳ ନେଟୱାର୍କ ସମସ୍ୟା ଦୂର ହେବ କେବେ ?

## OUR CLIMATE, OUR FUTURE

# SMALL ACTIONS, BIG IMPACTS



Nihar Ranjan Acharya



**Introduction:**
In the face of escalating climate change, the phrase "Our Climate, Our Future" underscores the urgency of collective action to preserve the planet for generations to come. This article delves into the idea that small actions, when multiplied across individuals and communities, can have profound impacts on mitigating climate change and building a sustainable future.

**Understanding the Climate Change:**
Climate change, driven by human activities such as burning fossil fuels and deforestation, poses unprecedented challenges. Rising temperatures, extreme weather events, and disruptions to ecosystems are tangible consequences. Recognizing the gravity of the situation is the first step towards a collective commitment to address our role in shaping the climate.

**The Power of Individual Actions:**
While global climate change agreements and governmental policies are crucial, the power of individual actions should not be underestimated. Small, everyday choices made by people around the world collectively contribute to the larger narrative of environmental sustainability. From energy consumption to waste reduction, individuals hold the key to transformative change.

**Reducing Carbon Footprints:**
One of the most effective ways individuals can contribute to climate mitigation is by reducing their carbon footprints. This include using energy-efficient appliances, opting for renewable energy sources, and embracing sustainable transportation options such as cycling, walking, or electric vehicles. These small changes in lifestyle choices translate into significant reductions in greenhouse gas emissions.

**Sustainable Consumption Habits:**
The products we buy and the companies we support play a crucial role in shaping the environmental impact of our consumption. Choosing sustainably sourced, eco-friendly products, and supporting businesses committed to ethical and green practices contribute to a more sustainable marketplace.

**Rethinking Waste:**
The mantra of "reduce, reuse, recycle" remains pertinent in the quest for sustainable living. Minimizing single-use plastics embracing composting, and participating in recycling programs help divert waste from landfills. Small efforts in waste reduction collectively contribute to a healthier environment and a reduced burden on natural resources.

**Conservation of Water Resources:**
Water scarcity is a growing concern exacerbated by climate change. Individuals can make a difference by conserving water in their daily activities, fixing leaks, and adopting water-efficient technologies. These small actions not only contribute to water conservation but also alleviate the pressure on ecosystems and aquatic habitats.

**Educating and Advocating:**
Spreading awareness about climate change and advocating for sustainable practices amplifies the impact of individual actions. Whether through social media, community initiatives, or educational campaigns, individuals can inspire others to adopt environment friendly habits and contribute to a broader cultural shift towards sustainability.

**Community Initiatives and Local Solutions:**
Communities, both small and large, can band together to implement local solutions. Community gardens, tree-planting initiatives, and local clean-up campaigns are examples of how collective efforts can enhance resilience to climate change and foster a sense of shared responsibility.

**Greening Urban Spaces:**
Urban areas, often contributors to environmental challenges, offer vast opportunities for positive change. Planting trees, creating green spaces, and implementing sustainable urban planning contribute to improved air quality, enhanced biodiversity, and overall urban resilience in the face of climate change.

**Supporting Renewable Energy:**
Advocating for and supporting the transition to renewable energy sources is a potent way to address climate change. Individuals can choose renewable energy providers, invest in solar panels for their homes, or support policies that promote the development and use of clean energy technologies.

**Conclusion:**
"Our Climate. Our Future: Small Actions, Big Impacts" encapsulates the essence of individual agency in the fight against climate change. Each person, through their daily choices and actions, has the power to influence the trajectory of our planet. By collectively embracing sustainable practices, reducing carbon footprints, and advocating for environmental responsibility, individuals become catalysts for transformative change. The small actions we take today reverberate into a sustainable future, shaping a legacy of stewardship and resilience for generations to come.

Author of "Understanding and Addressing Climate Change Vol.1" – a Best Seller Book on Climate Change
Founder and Working Director, TRUST – a Science Lover Organization
'Scientific Officer', Indian Climate Congress

**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**

# ବୈଜ୍ଞାନିକ ଅନୁଧ୍ୟାନରୁ ଖୁଲାସା, ଏହି ସବୁ ଖାଦ୍ୟ ବୃଦ୍ଧି କରୁଛି ଉଦାସୀନତା

ନୂଆଦିଲ୍ଲୀ: ୨୬ ଟି ଦେଶର ପ୍ରତ୍ୟେକ ବୟସ ବର୍ଗର ୩ ଲକ୍ଷ ଲୋକଙ୍କୁ ନେଇ କରାଯାଇଥିବା ଅନୁଧ୍ୟାନରୁ ଏହା ଜଣାପଡିଛି । ଏଥିରେ ଭାରତର ପ୍ରାୟ ୩୦ ହଜାର ଲୋକ ସାମିଲ ହୋଇଥିଲେ ।

ବର୍ତ୍ତମାନ ସମୟରେ ଚାପ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଅଧିକାଂଶ ଲୋକେ ଏହାର ସମ୍ମୁଖୀନ ହେଉଛନ୍ତି । ଆମ ଦୈନନ୍ଦିନ ଜୀବନପେ ବିଭିନ୍ନ କାରଣ ଚାପ ସୃଷ୍ଟି କରେ ବୋଲି ଆମେ ଭାବନ୍ତି, କିନ୍ତୁ ଆମେ ଗ୍ରହଣ କରୁଥିବା ଖାଦ୍ୟ ମଧ ଚାପ ସୃଷ୍ଟି କରିପାରେ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ । ବୈଜ୍ଞାନିକଙ୍କ ଅନୁଧ୍ୟାନରୁ ଏହାର ଖୁଲାସା ହୋଇଛି । ଅନୁଧ୍ୟାନରୁ ଜଣାଯାଇଛି ଯେ, ଅଧିକ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ଫଳରେ ଡିପ୍ରେସନ୍ ବା ଉଦାଶୀନତାର ଆଶଙ୍କା ବୃଦ୍ଧି ପାଇଥାଏ ।

ଅଲ୍ଟ୍ରା ପ୍ରୋସେସ୍ଡ ଫୁଡ୍ ବା ଅଧିକ ପ୍ରକ୍ରିୟାକୃତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ, ଏହି ପ୍ରକାର ଖାଦ୍ୟ ହଜମ ହେବାକୁ ଅଧିକ ସମୟ ନେଇଥାଏ, ଏହା ଶରୀରରେ ଅମ୍ଳତା ଏବଂ ମୋଟାପଣ ସୃଷ୍ଟି କରେ ବୋଲି ଜାଣିଥିଲେ । କିନ୍ତୁ ଏହା ମଧ ଆମ ମାନସିକ ସ୍ୱାସ୍ଥ୍ୟକୁ ବିଗାଡିପାରେ ।

ଆମେରିକାନ ଏନଜିଓ ସାପିଏନ୍ ଲ୍ୟାବ୍ସ ବିଶ୍ୱ ସ୍ତରରେ କରିଥିବା ଏକ ସର୍ଭେରୁ ଏହା ଜଣାପଡିଛି । ଏଥିରେ ୨୬ ଟି ଦେଶର ପ୍ରତ୍ୟେକ ବୟସ ବର୍ଗର ୩ ଲକ୍ଷ ଲୋକ ଅନ୍ତର୍ଭୁକ୍ତ ହୋଇଥିଲେ । ଏହି ସର୍ଭେରେ ଭାରତର ପ୍ରାୟ ୩୦ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା । ଏଥିରୁ ଜଣାଗଲା ଯେ, ଯେଉଁମାନେ ଦିନକୁ ଅଧିକ ଥର ଅଲ୍ଟ୍ରା ପ୍ରୋସେସ୍ଡ ଖାଦ୍ୟ ଖାଉଛନ୍ତି, ସେମାନଙ୍କର ମାନସିକ ସମସ୍ୟା ହେବାର ସମ୍ଭାବନା ଅଧିକ ରହୁଛି ।

ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ ଅଲ୍ଟ୍ରା ପ୍ରୋସେସ୍ଡ ଖାଦ୍ୟ ଉଦାସୀନତା ବଢାଇଥାଏ । ଏହି ଖାଦ୍ୟ ଆମ ମସ୍ତିଷ୍କ ଏବଂ ଶରୀରକୁ କ୍ଷତି ପହଞ୍ଚାଏ । ଏହା ମୁଡ୍ ସୁଇଙ୍ଗ୍ ଏବଂ ଡିପ୍ରେସନ୍ ଭଳି ମାନସିକ ସମସ୍ୟା ସୃଷ୍ଟି କରିପାରେ । ତେଣୁ ସତେଜ ଫଳ, ପନିପରିବା, ଡାଲି, ବାଦାମ ଏବଂ ବିଭିନ୍ନ ପ୍ରକାର ସିଡ୍ସ ଖାଇବା ଉଚିତ୍ । ଏହି ସବୁ ଖାଦ୍ୟରେ ଓମେଗା ଫ୍ୟାଟି-୩ ଏସିଡ୍ ଏବଂ ଭିଟାମିନ୍-ଇ ପରି ଉପାଦାନ ରହିଥାଏ, ଯାହା ମସ୍ତିଷ୍କକୁ ଚାପରୁ ରକ୍ଷା କରିବାରେ ସାହାଯ୍ୟ କରେ ।



**ଅଲଟ୍ରା ପ୍ରୋସେସଡ୍ ଖାଦ୍ୟ କଣ**

ଅତ୍ୟଧିକ ପ୍ରକ୍ରିୟାକୃତ ଢଙ୍ଗରେ ପ୍ରସ୍ତୁତ ଖାଦ୍ୟକୁ ଅଲଟ୍ରା ପ୍ରକ୍ରିୟାକୃତ ଖାଦ୍ୟ କୁହାଯାଏ । ଏହି ସବୁ ଖାଦ୍ୟ ମଧ୍ୟରେ ବ୍ରେଡ୍, ବିସ୍କୁଟ, କାର୍ବୋନେଟେଡ୍ ଡ୍ରିଙ୍କ୍ସ, ପ୍ୟାକେଜ୍ ଚିପ୍ସ, ସ୍ନାକ୍ସ, ମିଠା ଏବଂ ବିଭିନ୍ନ ଜଙ୍କ୍ ଫୁଡ୍ ରହିଛି । ବର୍ତ୍ତମାନର ଜୀବନଶୈଳୀରେ ଏହି ସବୁ ଖାଦ୍ୟ ଏକ ପ୍ରକାର ସାମିଲ ହୋଇଗଲାଣି । ତେଣୁ ଏପରି ପରିସ୍ଥିତିରେ ଯଥାସମ୍ଭବ ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟଠୁ ଦୂରେଇ ରହିବାକୁ ଅଭ୍ୟାସ କରିବା ଉଚିତ୍ । ନଚେତ୍ ଧୀରେ ଧୀରେ ଆମ ମାନସିକ ସ୍ୱାସ୍ଥ୍ୟ ବିଗିଡି ଯିବାର ଯଥେଷ୍ଟ ସମ୍ଭାବନା ରହିଛି ।

### ଧନୀ ଜିଲ୍ଲାର ବିକଳ ଚିତ୍ର !

# ଗାଁକୁ ରାସ୍ତା ନାହିଁ, ଚାଙ୍ଗୁ ବଜାଇ ପ୍ରତିବାଦ କଲେ ଲୋକେ

**କେନ୍ଦୁଝର (ଭିଓଭି):** ଗାଁକୁ ପିଡ଼ିଏସ୍ ଚାଉଳ ଯାଇପାରୁ ନାହିଁ। ପିଡିଏସ ଚାଉଳ ଆଣିବାକୁ ଗାଁ ଲୋକଙ୍କୁ ଘାଟି ଓ ପଥୁରିଆ ରାସ୍ତାରେ ଅନେକ ପଥ ଚାଲି ଚାଲି ଯିବାକୁ ପଡୁଛି। ଏଭଳି ସ୍ଥିତିରେ ବିଜୁଳି କଥା ପଚାରେ କିଏ ? ଆଜି ପର୍ଯ୍ୟନ୍ତ ଗାଁକୁ ବିଜୁଳି ଯାଇପାରି ନାହିଁ।

ରତ୍ନଗର୍ଭା କେନ୍ଦୁଝର ଜିଲ୍ଲା ! ଖଣି ଖାଦାନରେ ଭରପୂର ଥିବାରୁ ଧନୀ ଜିଲ୍ଲା ଭାବେ ପରିଚୟ ପାଇଛି ! ହେଲେ ଦୁଃଖର ବିଷୟ ଏହି ଧନୀ ଜିଲ୍ଲାରେ ଦେଖିବାକୁ ମିଳିଛି ବିକଳ ଚିତ୍ର। ଆଜି ପର୍ଯ୍ୟନ୍ତ ଗାଁକୁ ଯିବା ପାଇଁ ରାସ୍ତା ଖଣ୍ଡିଏ ଯାଇନି। ବିଜୁଳି କଥା ନକହିବା ଭଲ। ବାରମ୍ବାର ବ୍ଲକ୍ ପ୍ରଶାସନଠାରୁ ନିରାଶ ହୋଇ ଗାଁ ଲୋକେ ଶେଷରେ ଜିଲ୍ଲାପାଳଙ୍କ ପାଖରେ ଗୁହାରୀ କରିବାକୁ ଆସିଛନ୍ତି। ଚାଙ୍ଗୁ ବଜାଇ ଗାଁର ସମସ୍ୟା ଗୁଡ଼ିକୁ ଗୀତ ମାଧ୍ୟରେ ଗାଇ ପ୍ରତିବାଦ କରିଛନ୍ତି।

ତେଲକୋଇ ବ୍ଲକ୍ ଗୋଡିନର୍ଦ୍ଦା ଗାଁ। ଏହି ଗାଁରେ ୫୦୦ରୁ ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାର ଲୋକ ବସବାସ କରନ୍ତି। ସମସ୍ତେ ଜଙ୍ଗଲ ଉପରେ ନିର୍ଭର କରି ପରିବାର ଭରଣ ପୋଷଣ କରନ୍ତି। ହେଲେ ଦୁଃଖ ଓ ପରିତାପର ବିଷୟ ଦେଶ ସ୍ୱାଧୀନ ହେବାର ଏତେ ବର୍ଷ ପରେ ମଧ ଗାଁକୁ ଭଲ ରାସ୍ତା ଖଣ୍ଡିଏ ହୋଇପାରିଲାନି। ଯେଉଁଥିପାଇଁ ଗାଁ ଲୋକଙ୍କୁ ନାନା ଦହଗଞ୍ଜ ହେବାକୁ ପଡୁଛି। ଗାଁକୁ ୧୦୨ କିମ୍ବା ୧୦୮ ଆମ୍ବୁଲାନ୍ସ ଯାଇପାରୁ ନାହିଁ। ଏଥିରେ ଗୁରୁତର ରୋଗୀ, ଗର୍ଭବତୀ ଓ ବୃଦ୍ଧବୃଦ୍ଧିମାନେ ବେଶୀ ଅସୁବିଧାରେ ପଡୁଛନ୍ତି। ରୋଗୀଙ୍କୁ ୫ କିମି ରାସ୍ତା ପଙ୍ଗା ଗାଁ ମୁଣ୍ଡ ପର୍ଯ୍ୟନ୍ତ ଭାର କରି ନେବାକୁ ପଡୁଛି। ଭାରରେ ବୋହିବା ବେଳେ ଅନେକ ସମୟରେ ମହିଳାମାନେ ପ୍ରସବ କରିଦେଉଥିବା ଦେଖିବାକୁ ମିଳିଛି।



ଏ ନେଇ ଗାଁ ଲୋକେ ଅନେକ ବାର ତେଲକୋଇ ବିଡିଓଙ୍କ ନିକଟରେ ଗୁହାରୀ କରିଛନ୍ତି। ରାସ୍ତା ଓ ଅନ୍ୟ ସମସ୍ୟାର ସମାଧାନ ପାଇଁ ଗାଁ ଲୋକେ କେତେ ନେହୁରା ହୋଇଛନ୍ତି। ହେଲେ ଗାଁ ଲୋକେ ନିରାଶ ହୋଇଛନ୍ତି। ପୂର୍ବ ପରି ମଧ ଗାଁ ଲୋକ ଯନ୍ତ୍ରଣା ଦାୟକ ଜୀବନ ବିତାଉଛନ୍ତି।

ବ୍ଲକ ପ୍ରଶାସନଠାରୁ ବାରମ୍ବାର ନିରାଶ ହୋଇ ଆସି ଗାଁ ଲୋକେ ଅଭିନବ ଉପାୟରେ ପ୍ରତିବାଦ କରୁଛନ୍ତି। ଚାଙ୍ଗୁ ବଜାଇ ଜୁଆଙ୍ଗ ଭାଷାରେ ଗୀତା ଗାଇ ଦାବି ଉପସ୍ଥାପନ କରିଛନ୍ତି। ଏଥିସହ ଗାଁ ମହିଳାମାନେ ଗୀତର ତାଳେ ତାଳେ ନାଚୁଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟ ପରେ ଗାଁ ଲୋକେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଭାଗ ନେଇଥିଲେ। ଆଉ ଜିଲ୍ଲାପାଳଙ୍କୁ ଗାଁରେ ଥିବା ସମସ୍ୟା ସମ୍ପର୍କରେ ବଖାଣିଥିଲେ। ଗାଁରେ ଥିବା ସମସ୍ୟା ସମାଧାନ କରାଯିବ ବୋଲି ଗାଁ ଲୋକଙ୍କୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଗାଁ ଲୋକଙ୍କ ଅଭିଯୋଗ ନେଇ ଜିଲ୍ଲାପାଳ କହିଛନ୍ତି, ଗାଁକୁ ରାସ୍ତା ଓ ବିଜୁଳି ସଂଯୋଗ ଅତି ଶୀଘ୍ର କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

# ହାତ ଛାଡ଼ିଦେଲା ପୁଅ; ରୋଗୀଣା ପତ୍ନୀଙ୍କୁ ଧରି ଦହଗଞ୍ଜ ହେଉଛନ୍ତି ଭରତ

**ପାଟଣଗଡ଼ (ଭିଓଭି):** କେତେ ପୂଜାପାଠ କରି ପୁଅଟିଏ ପାଇଥିଲେ। ଭାବିଥିଲେ ବାର୍ଦ୍ଧକ୍ୟ ବେଳେ ଆଶ୍ରାବାଡ଼ି ହେବ। ହେଲେ ଯୌବନରେ ପଦାର୍ପଣ କରୁ କରୁ ଠକିଦେଲା ପୁଅ। ହାତ ଧରିବା ପରିବର୍ତ୍ତେ ହାତ ଛାଡ଼ି ଦେଲା। ଘରୁ ବାହାର କରିଦେଲା। କିଛି ଉପାୟ ନପାଇ ବାର୍ଦ୍ଧକ୍ୟରେ ରୋଗୀଣା ପତ୍ନୀଙ୍କୁ ଧରି ଘରୁ ବାହାରି ଆସିଲେ ଭରତ ନାଏକ। ଏବେ ଝାଟିମାଟିର ଘର ଭିତରେ ନାନା ଦହଗଞ୍ଜ ହେଉଛନ୍ତି। ଗୋରୁ ଚରାଇ ଯାହା ରୋଜଗାର କରୁଛନ୍ତି, ସେଥିରେ ଚଳୁଛନ୍ତି। ହେଲେ ପତ୍ନୀଙ୍କ ଚିକିତ୍ସା କରିପାରୁ ନାହାନ୍ତି। ହୃଦୟକୁ ଦୋହଲାଇ ଦେଲା ପରି ଖବର ଖଣି ଖାଦାନ ଭରା କେନ୍ଦୁଝରରୁ ଆସିଛି।



ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ ସିଲିଦା ଗାଁର ଭରତ ନାଏକ। ପରିବାର କହିଲେ ଏକମାତ୍ର ପୁଅ ଓ ପତ୍ନୀ ଅହଲ୍ୟା ନାଏକ। ନିଜର ଜମିବାଡ଼ି ବୋଲି କିଛି ନଥିବାରୁ କାମଦାମ କରି ଯାହା ରୋଜଗାର କରନ୍ତି, ସେଥିରେ ଦୁଃଖ କଷ୍ଟରେ ଚଳୁଥିଲା ପୂରା ପରିବାର। ସମୟ ଚକରେ ସଂସାର ରଥଗଡ଼ି ଚାଲୁଥିଲା। ଯେଉଁ ପୁଅ ବାପାର ହାତ ଧରି ଚାଲୁଥିଲେ, ସିଏ ବଡ଼ ହେଲେ। ବାହା ହେଲେ। ଘର ସଂସାର ଗଢ଼ିଲେ। ପୁଅ, ବୋହୂଙ୍କୁ ନେଇ ହସ ଖୁସିର ଚଳୁଥିଲେ ଭରତ ଓ ଅହଲ୍ୟା।

ଆଜକୁ ୫ ବର୍ଷ ତଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଲେ ଅହଲ୍ୟା। ଚାଲିବୁଲି ପାରିଲେ ନାହିଁ। ପକ୍ଷାଘାତରେ ଆକ୍ରାନ୍ତ ହେଲେ। ମାଆଙ୍କ ଏ ଦୁଃଖଦ ସମୟରେ ହାତ ଛାଡ଼ିଦେଲା ଏକମାତ୍ର ପୁଅ। ଯେଉଁ ବାପା ଓ ମାଆଙ୍କ ଆଶୀର୍ବାଦରେ ଦୁନିଆ ଦେଖିଥିଲେ, ସେମାନଙ୍କୁ ପାଖରୁ ଦୂରେଇ ଦେଲେ। ରୋଗୀଣା ମାଆର ଚିକିତ୍ସା କରିପାରିବେ ନାହିଁ ବୋଲି ପୁଅ ଓ ବୋହୂ କହିଥିଲେ। ଘରୁ ବାହାର କରିଦେଲେ। ତେଣୁ ନିଜ ଜୀବନ ସାଥୀକୁ ସାଙ୍ଗରେ ଧରି ଘରୁ ବାହାରି ଆସିଲେ ଭରତ। ଅନ୍ୟ ଏକ ସ୍ଥାନରେ କୁଡ଼ିଆଟିଏ କରି ରହିଲେ। ହେଲେ ଚଳିବେ କେମିତି ?

ଭରତଙ୍କୁ ବର୍ତ୍ତମାନ ୬୯ ବର୍ଷ ହେଲାଣି। କାମ କରିବା ପାଇଁ ନା ଅଣ୍ଟାରେ ବଳ ଅଛି ନା ପାଦରେ ଶକ୍ତି ରହିଛି। ହେଲେ କ'ଣ କରିବେ ? କେମିତି ଚଳିବେ ? ରୋଗୀଣା ପତ୍ନୀଙ୍କ ମୁହଁରେ କେମିତି ଦାନା ଦେବେ ? ସେହି ଚିନ୍ତାରେ ପଡ଼ିଗଲେ ଭରତ। କିଛି ଉପାୟ ନପାଇ ମହାଜନଙ୍କ ପାଖରେ ପହଞ୍ଚିଲେ। ଆଉ ତାଙ୍କ ଗୋରୁ ଚରାଇଲେ। ସେଥିରୁ ଯାହା ମିଳିଲା, ସେଥିରେ ଦୁଃଖେ କଷ୍ଟରେ ଚଳି ଯାଉଛନ୍ତି। ନିଜେ ଖାଇବା ସହିତ ପତ୍ନୀ ଅହଲ୍ୟାଙ୍କ ମୁହଁରେ ଦାନା ଦେଉଛନ୍ତି। ଗରିବଙ୍କ ପାଇଁ ସରକାର କେତେ କ'ଣ ଯୋଜନା କରୁଛନ୍ତି। ପିଡିଏସ ଚାଉଳକୁ ଛାଡ଼ିଦେଲା ଭରତ ଓ ତାଙ୍କ ପତ୍ନୀ ଅହଲ୍ୟାଙ୍କୁ ଅନ୍ୟ କୌଣସି ସରକାରୀ ଯୋଜନା ମିଳୁନି। ନା ବାର୍ଦ୍ଧକ୍ୟ ଭତ୍ତା ମିଳୁଛି ନା ଆବାସ ଯୋଜନାରେ ଘର। ତେଣୁ ଦୟନୀୟ ଅବସ୍ଥାରେ ଭଙ୍ଗା କୁଡ଼ିଆରେ ସ୍ୱାମୀ ଓ ସ୍ତ୍ରୀ ରହୁଛନ୍ତି। ସବୁଠାରୁ ଦୁଃଖର ବିଷୟ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ କୌଣସି ସୂଚନା ନାହିଁ। ଏପରିକି ତାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ନାହିଁ। ଆଜି ଯଦି ତାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥାଆନ୍ତା, ତାହାହେଲେ ସେ ତାଙ୍କୁ ଭଲ ମେଡ଼ିକାଲ୍‌ରେ ଚିକିତ୍ସା କରାଇ ପାରିଥାଆନ୍ତେ। ଆଉ ରୋଗୀଣା ପତ୍ନୀଙ୍କ ମୁହଁରେ ହସ ଫୁଟାଇ ପାରିଥାଆନ୍ତେ। ହେଲେ ସେ ସେଥିରୁ ମଧ ବଞ୍ଚିତ ହୋଇଥିବା ଆଲୋଚନା ହେଉଛି।

# ଫାଙ୍କା ପଡ଼ିଛି ୧୮୧ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପଦବୀ

**ଶିମିଳିପାଳ (ଭିଓଭି):** ୨ ହଜାର ୭୫୦ ବର୍ଗକିଲୋମିଟର ବିଶିଷ୍ଟ ଶିମିଳିପାଳ ଅଭୟାରଣ୍ୟରେ ୧୨ଟି ରେଞ୍ଜ, ୨୧୪ଟି ଆଣ୍ଟି ପୋଚିଙ୍ଗ୍ କ୍ୟାମ୍ପ, ୧୬ଟି ୱାଚ୍ ଟାୱାର ଓ ୧୯ଟି ଚେକ୍ ପଏଣ୍ଟ ରହିଛି।



ଏସିଆ ମହାଦେଶର ସର୍ବ ବୃହତ୍ ଜୈବ ମଣ୍ଡଳ ହେଉଛି ଶିମିଳିପାଳ ଅଭୟାରଣ୍ୟ। ୨ ହଜାର ୭୫୦ ବର୍ଗ କିଲୋମିଟର ବିଶିଷ୍ଟ ଏହି ଅଭୟାରଣ୍ୟର ସୁରକ୍ଷା ପାଇଁ ନାହାନ୍ତି ଆବଶ୍ୟକ କର୍ମଚାରୀ। ଫାଙ୍କା ପଡ଼ିଛି ୧୮୧ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପଦବୀ।

ଉତ୍ତର ଶିମିଳିପାଳ ଡିଭିଜନରେ ୪୦ ଫରେଷ୍ଟର ପଦବୀ ରହିଛି। ସେଥିରେ ୨୪ ପଦବୀ ଖାଲି ପଡ଼ିଛି। ସେହିପରି ୮୧ ଫରେଷ୍ଟ ଗାର୍ଡ ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୩୦। ବର୍ତ୍ତମାନ ଫାଙ୍କା ପଡ଼ିଛି ୫୧ଟି ପଦବୀ। ସମାନ ଅବସ୍ଥା ଦକ୍ଷିଣ ଶିମିଳିପାଳ ଡିଭିଜନରେ। ଏଠାରେ ୧୨ ଫରେଷ୍ଟର ପଦବୀ ଓ ୪୩ ଫରେଷ୍ଟ ଗାର୍ଡ ପଦବୀ ଫାଙ୍କା ରହିଛି। ଏମିତି ସ୍ଥିତିରେ କେବଳ ଗାଡ଼ି ଯୋଗାଇଦେଲେ, କେମିତି ହେବ ଶିମିଳିପାଳର ସୁରକ୍ଷା ? ଗତ ୨୯ ତାରିଖରେ ଶିମିଳିପାଳ ସୁରକ୍ଷାରେ ରାଜ୍ୟ ସରକାର ୧୪ଟି କଷ୍ଟମାଇଜଡ୍ ଭେଇକିଲ୍ ନିୟୋଜିତ କରିବା ପରେ ଏମିତି ପ୍ରଶ୍ନ କରିଛି ରାଜ୍ୟ ଫରେଷ୍ଟ ଗାର୍ଡ ସଂଘ।

ଆଉ ଅଭିଯୋଗ କରିଛି, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଲେନି। ତେଣୁ ଏସବୁ ନୂଆ ଗାଡ଼ିରେ କିଏ ବସିବେ ଓ କେମିତି ଶିମିଳିପାଳକୁ ସୁରକ୍ଷା ଯୋଗାଯିବ ବୋଲି ପ୍ରଶ୍ନ କରିଛି ସଂଘ।

୨ ହଜାର ୭୫୦ ବର୍ଗକିଲୋମିଟର ବିଶିଷ୍ଟ ଶିମିଳିପାଳ ଅଭୟାରଣ୍ୟରେ ୧୨ଟି ରେଞ୍ଜ, ୨୧୪ଟି ଆଣ୍ଟି ପୋଚିଙ୍ଗ୍ କ୍ୟାମ୍ପ, ୧୬ଟି ୱାଚ୍ ଟାୱାର ଓ ୧୯ଟି ଚେକ୍ ପଏଣ୍ଟ ରହିଛି। ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ କହିଛନ୍ତି, ପ୍ରତି ରେଞ୍ଜ ପାଇଁ ଅତିକମରେ ୨ଟି ଗାଡ଼ି ଦରକାର। ତେଣୁ ଖୁବଶୀଘ୍ର ଶିମିଳିପାଳକୁ ଆଉ ୧୦ଟି ଗାଡ଼ି ଦରକାର ପଡ଼ିବ। ବନ୍ୟପ୍ରାଣୀ ବିଶେଷଜ୍ଞ କହିବା ମୁତାବକ ଶିମିଳିପାଳରେ ପୂର୍ବରୁ ନିୟୋଜିତ ଗାଡ଼ିର ଠିକ ଭାବେ ରକ୍ଷଣାବେକ୍ଷଣ ହେଉନି। ତେଣୁ ଅନେକ ଗାଡ଼ି ସେବାରେ ଲାଗିପାରୁନି। ଏହାଛଡ଼ା ଶିମିଳିପାଳ ପାଇଁ ଚାଲି ଚାଲି ପାଟ୍ରୋଲିଂ ସବୁଠୁ ଭରସାଯୋଗ୍ୟ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow / Like / Subscribe :
Voice Of Victims News

ଭାଗ-୧ । ସଂଖ୍ୟା-୭ । ଭୁବନେଶ୍ୱର । ୧ରୁ୭ ଜାନୁଆରୀ ୨୦୨୪
Vol-1 I Issue-7 I Bhubaneswar I 1-7 January 2024





# Some Vastu dosha found in home

**Suchismita Pradhan**
Nadi Astrology and Vastu Expert

If you have a restroom or septic tank, kitchen, heavy construction or a big tree in the North East zone, the eldest son of the family is likely to suffer from various health issues. He may also suffer from TB or cancer."Vastu dosha in the South East zone could lead to people suffering from kidney diseases."Females may suffer from various diseases if there is a basement, water tank, main door or low height construction in the South zone."Vastu dosha in the North West zone can lead to various infectious diseases and seasonal change illnesses for the family members of a house."If there is some Vastu dosha in the South West zone of the house, the owner may be prone to heart attack. Similarly, if the North East and South West zones have Vastu dosha, it may lead to paralytic attacks or brain hemorrhage. The children of the house may also fall sick and pregnant ladies may even lose their child."Never sleep facing the North direction because this may lead to digestion issues and headache, mental sickness, uneasiness and even heart problems."People sleeping in the North West zone may be prone to mental illness rather than physical sickness. If the Vastu for these individual's room is not corrected on time, they will end up being dependant on medicines, become short-tempered and experience stressful situations.

# ସ୍ନାୟବିକ ଅସନ୍ତୁଳନ-ପାର୍କିନ୍‌ସନ

## (Parkinson)



**● ଏକ ଘାତକ ରୋଗ**

ଥରେ ଡକ୍ଟର ରୂପା ମେନନ୍ ବିମାନ ଯୋଗେ ବିଦେଶ ଯାଉଥାନ୍ତି । ତାଙ୍କର ସହଯାତ୍ରୀ ଥାଆନ୍ତି ଜଣେ ଭାରତୀୟ ମହିଳା । କଥାବାର୍ତ୍ତାରେ ସେ ଜାଣିବାକୁ ପାଇଲେ ଭଦ୍ର ମହିଳା ପାର୍କିନ୍‌ସନ୍ ରୋଗରେ ଆକ୍ରାନ୍ତ ତାଙ୍କ ମାଆଙ୍କ ଚିକିତ୍ସା ପାଇଁ ବିଦେଶ ନେଇ ଯାଉଛନ୍ତି । ଦୀର୍ଘଦିନ ହେଲା ତାଙ୍କ ମାଆ ଏହି ରୋଗରେ ପଡ଼ି କଷ୍ଟ ପାଉଛନ୍ତି । ଡକ୍ଟର ରୂପା ତାଙ୍କ ଠାରୁ ଜାଣିବାକୁ ଚାହିଁଲେ କିପରି ଆରମ୍ଭ ହେଲା ଏ ରୋଗ । ଭଦ୍ରମହିଳାଙ୍କ ବର୍ଣ୍ଣନା ଅନୁସାରେ- ଥରେ ତାଙ୍କ ମାଆଙ୍କୁ ଏକ ସ୍ନାୟବିକ ଆଘାତ ହେଲା । ତାଙ୍କ ମୁଣ୍ଡ ବୁଲାଇଗଲା ଓ ସେ ତଳେ ପଡ଼ିଗଲେ । ତା'ପରେ ସେ ଉଠିଲେ ଓ ଧୀରେ ଧୀରେ ଚାଲିବାକୁ ଚେଷ୍ଟା କଲେ । କିନ୍ତୁ ଆଗ ପରି ସେ ଚାଲି ପାରିଲେ ନାହିଁ । ତାଙ୍କର ହାତ, ଗୋଡ଼ ଥରିବାକୁ ଲାଗିଲା । ଏବେ ସେ ତାଙ୍କର ନିତ୍ୟକର୍ମ ବି କରିବାକୁ କଷ୍ଟ ହେଉଛି । ତାଙ୍କର ପିଲାମାନେ ଓ ସେ ନିଜେ ମାଆଙ୍କୁ ଯେତେ ସାହାଯ୍ୟ କଲେ ବି ସେ ତାଙ୍କର ଦୈନନ୍ଦିନ ଜୀବନର ସହଜଭାବ ଫେରି ପାଉନାହାନ୍ତି । ଡାକ୍ତରଙ୍କୁ ଏ ସଂପର୍କରେ ବାରମ୍ବାର ପରାମର୍ଶ କରାଯାଇଛି, କିନ୍ତୁ ଏହାର ବିଶେଷ କିଛି ନିଦାନ ଘଟୁନାହିଁ ।

**● ଏହି ପାର୍କିନ୍‌ସନ୍ ରୋଗଟି କଣ ?**

ଏହି ପାର୍କିନ୍‌ସନ୍ ରୋଗଟି ହେଉଛି ଏକ ସ୍ନାୟବିକ ଅସନ୍ତୁଳନ ଯାହା ମସ୍ତିଷ୍କରେ ତିଆରି ହୁଏ । କାରଣ ମସ୍ତିଷ୍କ ଆବଶ୍ୟକୀୟ 'ଡୋପାମାଇନ୍' (ଉକ୍ଟକ୍ତବଙ୍କସଭର) ପ୍ରସ୍ତୁତ କରିପାରେ ନାହିଁ । 'ଡୋପାମାଇନ୍' ହେଉଛି ମସ୍ତିଷ୍କରେ ଥିବା ଏକ ରାସାୟନିକ ଦୂତ । ଯିଏ କି ମସ୍ତିଷ୍କରୁ ବିଭିନ୍ନ ସୂଚନା ନେଇ ମଣିଷ ଶରୀରର ସ୍ନାୟୁମାନଙ୍କ ପାଖରେ ପହଁଞ୍ଚେ । ଯେତେବେଳେ 'ଡୋପାମାଇନ୍' କମିଯାଏ ସେତେବେଳେ ଏହି ରୋଗ ହେବାର ଯଥେଷ୍ଟ କାରଣ ରହିଛି ।

'ଡୋପାମାଇନ୍' କମିଯିବା ଫଳରେ ସ୍ନାୟବିକ ଦୁର୍ବଳତା, ହାତଗୋଡ଼ ଥରିବା, ରକ୍ତଚାପ କମ୍-ବେଶୀ ହେବା, ବିଭିନ୍ନ ପ୍ରକାରର ପେଟ ରୋଗ ବାହାରିବା, ମେରୁଦଣ୍ଡ ଜନିତ ପୀଡ଼ା ହେବା- ଏହାର ଲକ୍ଷଣ ।

**● ଏ ରୋଗରେ ବିପଦ କ'ଣ ?**

ଏହା ଏକ ବଂଶଗତ ରୋଗ ବୋଲି ବିଚାର କରାଯାଏ । ଷାଠିଏ ବର୍ଷ ପରେ ପ୍ରାୟ ଲୋକଙ୍କୁ ଏ ରୋଗ ହେବା ସମ୍ଭାବନା ଦେଖାଯାଏ । ଯଦି କେହି ବ୍ୟକ୍ତି ଅଧିକ କାଳ ରାସାୟନିକ ଦ୍ରବ୍ୟ ସହିତ କାର୍ଯ୍ୟ କରୁଥାନ୍ତି ତେବେ ତାଙ୍କର ଏହି ରୋଗ ହେବା ଯଥେଷ୍ଟ ଅଧିକ କାରଣ ରହିଛି ।

**● ରୋଗକୁ କିପରି ଚିହ୍ନିବେ ?**

ରୋଗ ଚିହ୍ନିବା ପାଇଁ ବିଶେଷ କିଛି ଉପାୟ ନଥିଲେ ବି ପ୍ରଥମେ ବ୍ୟକ୍ତିର ଏକ ପକ୍ଷର ସ୍ନାୟୁ ଦୁର୍ବଳ ହୋଇଆସେ, ହାତ, ଗୋଡ଼, ବାହୁ, ପାଟିର ମାଢ଼ି, ଓଠ ଏପରିକି ମୁହଁ, ମୁଣ୍ଡ ବି ଥରେ । ଆଣ୍ଠୁଗଣ୍ଠିରେ ଦରଜ ହୁଏ ଓ କଷ୍ଟ ଲାଗେ । ଚାଲିବା, ଉଠିବା, ବସିବା ଧୀର ହୋଇଯାଏ । ଏହି ରୋଗ ହେଲେ ଜଣେ ଶୀଘ୍ର ଶୀଘ୍ର ଚାଲିପାରିବ ନାହିଁ, କଥାବାର୍ତ୍ତା କରିପାରିବ ନାହିଁ । ଏପରିକି ମୁଣ୍ଡ କୁଣ୍ଡାଇଲା ବେଳେ ବି ହାତ ଥରେ, ଦାନ୍ତ ଘଷିଲା ବେଳେ ବି ବ୍ରଶ୍ ଠିକ୍‌ରେ ଧରିବା ଓ ପାଣି ପିଇବାରେ ବି ଅସୁବିଧା ହୁଏ ।

**● ଚିକିତ୍ସା**

ଏହାର ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ ଔଷଧ ପଦ୍ଧତି ବାହାରି ନଥିଲେ ମଧ ଡାକ୍ତରମାନେ ବିଭିନ୍ନ ପ୍ରକାର ବ୍ୟାୟାମ୍ ଓ ଜୀବନଶୈଳୀର ଶୃଙ୍ଖଳା ସଂପର୍କରେ ବୁଝାଇଥାନ୍ତି । ପ୍ରତ୍ୟେକ ଦିନ ବ୍ୟାୟାମ୍ ଦ୍ୱାରା ଓ ସୁସଜ୍ଜିତ ଜୀବନଶୈଳୀ ଅନୁସରଣ କଲେ ଆଣ୍ଠୁଗଣ୍ଠି ଆସ୍ତେ ଆସ୍ତେ ଚଳପ୍ରଚଳ ହୁଏ ଓ ମାଂସପେଶୀର କାର୍ଯ୍ୟ ସାବଲୀଳ ହୁଏ ଓ ବ୍ୟକ୍ତିଜଣକ ଆସ୍ତେ ଆସ୍ତେ ଆରାମ୍‌ରେ ଚଳପ୍ରଚଳ କରିପାରେ ।

ଏଥିପାଇଁ ଯେଉଁ ସହଜ ଜୀବନଶୈଳୀ ଭିତ୍ତିକ ବ୍ୟାୟାମ୍ କରିହେବ ତା ହେଉଛି ଚାଲିବା, ସାଇକେଲ୍ ଚଳାଇବା, ପାଣିରେ ପହଁରିବା ।

**ବ୍ୟାୟାମ୍ କିପରି କରିବେ ?**

- ଠିଆ ହେଲାବେଳେ ବା ବସିଲାବେଳେ ଗୋଡ଼, ହାତ ଏପଟସେପଟ କରୁଥାଆନ୍ତୁ ।
- ଯେତେବେଳେ ଘରେ ଏକୁଟିଆ ବସିଛନ୍ତି ଓ ବିଶେଷ କାମ ନାହିଁ ଗୋଡ଼କୁ ଜୋର୍‌ରେ ଆଗକୁ ବଢ଼ାଇ ସାରା କୋଠରୀରେ ଘୂରିବୁଲନ୍ତୁ ।
- ପ୍ୟାରେଡ୍ କଲାପରି ହାତକୁ ଆଗକୁ ଓ ପଛକୁ ନିଅନ୍ତୁ ।
- ମୁଣ୍ଡକୁ ଏପଟସେପଟ ଘୂରାନ୍ତୁ ।

ଏହିପରି ନିଜର ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକୁ ପ୍ରତ୍ୟେକ ସମୟରେ ଚଳପ୍ରଚଳ କଲେ ଶରୀର ନିଜ ଭିତରେ ଘଟୁଥିବା ସ୍ନାୟବିକ ଦୁର୍ବଳତା ବିପକ୍ଷରେ ଶକ୍ତି ସଂଗ୍ରହ କରେ ।

ପାର୍କିନ୍‌ସନ୍ ରୋଗ ହେଲେ ଜଣେ ବ୍ୟକ୍ତି ହତାଶ ହେବା ଉଚିତ୍ ନୁହେଁ ବରଂ ଉଚିତ୍ ସମୟରେ ଉଚିତ୍ ଚିକିତ୍ସା ଏବଂ ବ୍ୟାୟାମ୍ ଓ ଜୀବନଶୈଳୀକୁ ବଦଳାଇ ଆମେ ଅନ୍ତତଃ ପକ୍ଷେ ଭଲ ହୋଇଯାଇପାରିବା, ଯଦିଓ ସଂପୂର୍ଣ୍ଣ ଭଲ ନୁହେଁ । କିନ୍ତୁ ଯଦି ଆମେ କିଛି ନକରି ହତାଶ ହୋଇ ଏ ରୋଗ ପାଇଁ ଔଷଧ ଖୋଜି ବୁଲିବା ତେବେ ପରବର୍ତ୍ତୀ ସମୟରେ ଏହା ଘାତକ ବି ହୋଇପାରେ ।

# ମହିଳାଙ୍କ ପିଛା କରିବା ଓ ଗାଳି କରିବା ମର୍ଯ୍ୟାଦାହାନୀ ନୁହେଁ: ହାଇକୋର୍ଟ



ନୂଆଦିଲ୍ଲୀ: ଜଷ୍ଟିସ ଅନୀଲ ପାନସାରେ ଜଣେ ୩୬ ବର୍ଷୀୟ ଶ୍ରମିକଙ୍କୁ ଦୋଷମୁକ୍ତ କରି କହିଛନ୍ତି ଯେ ଏହି ମାମଲାରେ ସରକାରୀ ଓକିଲ କେବଳ ସନ୍ଦେହ ବ୍ୟତୀତ ଆଉ କୌଣସି ଉପଯୁକ୍ତ ପ୍ରମାଣ ଦାଖଲ କରିପାରି ନାହାନ୍ତି।

ମହିଳା ବା ଯୁବତୀଙ୍କୁ ପିଛା କରିବା, ଗାଳି କରିବା ଓ ଧକ୍କା ମାରିବା ନିଶ୍ଚିତ ଭାବେ ଗୋଟିଏ ଖରାପ ଓ ବିରକ୍ତିକର କାମ ହୋଇପାରେ। କିନ୍ତୁ ଏହା ଆଇପିସିର ଧାରା ୩୫୪ ଅଧୀନରେ ଥିବା ନାରୀର ମର୍ଯ୍ୟାଦାହାନୀ ଜନିତ ଅପରାଧ ନୁହେଁ।

ଗୋଟିଏ ମାମଲାର ଶୁଣାଣି କରିବା ବେଳେ ଏକଥା କହିଛନ୍ତି ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ। ଏଥିସହ ଓ୍ୱାର୍ଦ୍ଧାର ଜୁଡିସିଆଲ ମାଜିଷ୍ଟ୍ରେଟ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବା ଜଣେ ବ୍ୟକ୍ତିଙ୍କୁ ନାଗପୁର ବେଞ୍ଚ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ଜଷ୍ଟିସ ଅନୀଲ ପାନସାରେ ଜଣେ ୩୬ ବର୍ଷୀୟ ଶ୍ରମିକଙ୍କୁ ଦୋଷମୁକ୍ତ କରି କହିଛନ୍ତି ଯେ ଏହି ମାମଲାରେ ସରକାରୀ ଓକିଲ କେବଳ ଯଥାର୍ଥ ସନ୍ଦେହ ବ୍ୟତୀତ ଆଉ କୌଣସି ଉପଯୁକ୍ତ ପ୍ରମାଣ ଦାଖଲ କରିପାରି ନାହାନ୍ତି।

ଜଣେ କଲେଜ ଛାତ୍ରୀ ୩୬ ବର୍ଷୀୟ ଶ୍ରମିକଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ। ଶ୍ରମିକ ଜଣଙ୍କ ତାଙ୍କୁ ଅନୁସରଣ କରିବା ସହ ବାରମ୍ବାର ଗାଳି କରୁଥିଲେ। ଗୋଟିଏ ଦିନ ସେ ମାର୍କେଟ ଯାଉଥିବା ବେଳେ ଶ୍ରମିକ ଜଣଙ୍କ ତାଙ୍କୁ ସାଇକେଲରେ ପିଛା କରିଥିଲେ। ଏହାପରେ ସେ ତାଙ୍କୁ ଧକ୍କା ଦେଇଥିଲେ ବୋଲି ଛାତ୍ରୀ ଜଣଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ।

ମାଜିଷ୍ଟ୍ରେଟ କୋର୍ଟ ଏହାର ଶୁଣାଣି କରି ୨୦୧୬ ମସିହା ମେ' ୯ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେସନ୍ସ କୋର୍ଟ ୨୦୨୩ ଜୁଲାଇ ୧୦ରେ ଏହି ଦଣ୍ଡାଦେଶକୁ କାଏମ ରଖିଥିଲେ।

କିନ୍ତୁ ଏବେ ହାଇକୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଶ୍ରମିକଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ କହିଛନ୍ତି, ଏହି ମାମଲାରେ ଆବେଦନକାରୀ ଅଭିଯୋଗକାରୀଙ୍କୁ ଆଦୌ ଅଭଦ୍ରଙ୍କ ଭଳି ସ୍ପର୍ଶ କରି ନାହାନ୍ତି କିମ୍ବା ତାଙ୍କ ଶରୀରର ନିର୍ଦ୍ଦିଷ୍ଟ ଅଙ୍ଗକୁ ଧକ୍କା ଦେଇ ନାହାନ୍ତି।

ତେଣୁ ସେ ଲଜ୍ଜାବୋଧ କରିବାର କୌଣସି କାରଣ ନାହିଁ। ଆବେଦନକାରୀ ସାଇକେଲରେ ଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲେ। ଏହାକୁ କେବେ ହେଲେ ନାରୀର ମର୍ଯ୍ୟାଦାହାନୀ ମାମଲା ମଧ୍ୟରେ ବିଚାର କରାଯାଇ ପାରିବ ନାହିଁ।

### ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା

# ରାଜ୍ୟ ସରକାରଙ୍କୁ ନୋଟିସ୍

**ଭୁବନେଶ୍ୱର (ଭିଓଭି):** ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାର ସିବିଆଇ ତଦନ୍ତ କାହିଁକି କରା ନଯିବ ସେନେଇ ରାଜ୍ୟ ସରକାରଙ୍କ ଠାରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାର ସିବିଆଇ ତଦନ୍ତ କାହିଁକି କରା ନଯିବ ସେନେଇ ରାଜ୍ୟ ସରକାରଙ୍କ ଠାରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ଏହି ପ୍ରସଙ୍ଗରେ ନିଜର ଜବାବ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ ଜାରୀ କରିଛନ୍ତି।

ଆବେଦନକାରୀ ଆଇନଜୀବୀ ଦେବାଶିଷ ହୋତାଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଏହି ନୋଟିସ ଜାରି କରିଛନ୍ତି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣାର ତଦନ୍ତ କରୁଥିବା କ୍ରାଇମ ବ୍ରାଞ୍ଚ ଅନେକ ଦିଗକୁ ଅଣଦେଖା କରିଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି।

ଉପରଠାଉରିଆ ଭାବେ ତଦନ୍ତ କରି ମାଓବାଦୀମାନେ ସ୍ୱାମୀଜୀଙ୍କୁ ହତ୍ୟା କରିଥିବା କହିଥିଲା କ୍ରାଇମ ବ୍ରାଞ୍ଚ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ନିରୀହ ଆଦିବାସୀଙ୍କ ସାମାଜିକ ଏବଂ ଅର୍ଥନୈତିକ ଉର୍ନ୍ନତି ପାଇଁ କାମ କରୁଥିଲେ। ଧର୍ମାନ୍ତରିକରଣ ଏବଂ ଆଦିବାସୀଙ୍କ ଜମି ହଡ଼ପ ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ଆଦିବାସୀଙ୍କ ପାଇଁ ଲଢୁଥିବା କୌଣସି ବ୍ୟକ୍ତିଙ୍କୁ ମାଓବାଦୀ ମାନେ ହତ୍ୟା କରିବା କଥା ଗ୍ରହଣୀୟ ନୁହଁ ବୋଲି ଆବେଦନକାରୀ ଯୁକ୍ତି ବାଢିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ ଆବେଦନକାରୀ ଦାବି କରିଛନ୍ତି।










Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର